## ସଂକ୍ଷେପରେ

### ଅଲ୍ ଇଣ୍ଡିଆ ଡିୱାଇଓ ପକ୍ଷରୁ ଜିଲାପାଳଙ୍କୁ ସ୍ମାରକପତ୍ର

କାଏମା,୩।୬(ଡି.ଏନ.ଏ.): ଦିଲ୍ଲୀର ଜନ୍ତରମନ୍ତରଠାରେ ଧାରଣାରେ ବସିଥିବା କୁସ୍ତିଯୋଦ୍ଧା ସାକ୍ଷୀ ମଲ୍ଲିକ, ଭିନେଶ ଫୋଗତ, ସଙ୍ଗୀତା ଫୋଗତଙ୍କ ସମେତ ବଜରଙ୍ଗ ପୁନିଆଁ ଏବଂ ବିଭିନ୍ନ ସଂଗଠନର କାର୍ଯ୍ୟକର୍ତ୍ତାଙ୍କ ଉପରେ ମିଥ୍ୟା ମକଦ୍ଦମା କରାଯାଇଛି। ଏଥିସହିତ ବଳପୂର୍ବକ ସେମାନଙ୍କୁ ଧାରଣାସ୍ଥଳରୁ ଉଠାଇନେଇ ଅଟକ ରଖିବା ଘଟଣାକୁ ଅଲ ଇଣ୍ଡିଆ ଡିୱାଇଓ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ନିନ୍ଦା କରାଯାଇଛି। ବିନା ସର୍ତ୍ତରେ ସମସ୍ତ ଆନ୍ଦୋଳନକାରୀଙ୍କୁ ଛାଡ଼ିବା ଏବଂ ଅଭିଯୁକ୍ତ ଭାଜପା ଏମ୍‌ପି ବ୍ରିଜଭୂଷଣ ସରଣସିଂଙ୍କୁ ତୁରନ୍ତ ଗିରଫ ପାଇଁ ସଂଗଠନ ପକ୍ଷରୁ ଦାବି କରାଯାଇ ସୋମବାର ଦେଶବ୍ୟାପୀ କଳାଦିବସ ପାଳନ କରାଯାଇଛି। ଭାରତୀୟ ଗଣତନ୍ତ୍ରର ମନ୍ଦିର କୁହାଯାଉଥିବା ସଂସଦ ଭବନର ନୂତନ ଅଟାଳିକା ଉଦ୍‌ଘାଟନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କୁ ଉଦ୍‌ବୋଧନ ଦେଉଥିବାବେଳେ ଅଳ୍ପଦୂରରେ ଦେଶପାଇଁ ଗୌରବ ଆଣିଥିବା ମହିଳା କୁସ୍ତିଯୋଦ୍ଧାଙ୍କ ଉପରେ ଦିଲ୍ଲୀ ପୋଲିସର ଦମନଲୀଳା ଦେଶର ଶୁଭବୁଦ୍ଧି ସମ୍ପନ୍ନ ଜନସାଧାରଣଙ୍କୁ ବ୍ୟଥିତ କରିଛି। କେବଳ ସେତିକି ନୁହେଁ ଅନେକ ସଂଗଠନର କାର୍ଯ୍ୟକର୍ତ୍ତା, ସାମାଜିକ କର୍ମୀଙ୍କ ଘରକୁ ଘେରାଉ କରି ରଖାଯାଇଛି, ଯାହାକି ନିନ୍ଦନୀୟ ବୋଲି କୁହାଯାଇଛି। ଏହିପରିପ୍ରେକ୍ଷିରେ ଅଲ ଇଣ୍ଡିଆ ଡିୱାଇଓ ଯାଜପୁର ଜିଲା କମିଟି ପକ୍ଷରୁ ଜିଲାପାଳଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜଗବନ୍ଧୁ ମଲ୍ଲିକ, ଜ୍ଞାନରଞ୍ଜନ ମଲ୍ଲିକ, ମନୋଜ ରାଉତ ଏବଂ ଜିଲା ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ପ୍ରଦାନ କରିଛନ୍ତି।

### ବାଲିଚନ୍ଦ୍ରପୁର ପ୍ରେସ୍‌କ୍ଲବ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବାଲିଚନ୍ଦ୍ରପୁର,୩।୬(ସ୍ୱ.ପ୍ର.): ବାଲେଶ୍ୱର ଜିଲାର ବାହାନଗାଠାରେ ରେଳ ଦୁର୍ଘଟଣାରେ ଅନେକ ଲୋକଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ ପକ୍ଷରୁ କାର୍ଯ୍ୟାଳୟ ପରିସରରେ ମୃତକଙ୍କ ଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭା ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଅମର ଆତ୍ମାଙ୍କ ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। କ୍ଲବ ଉପଦେଷ୍ଟା ଅମରେନ୍ଦ୍ର ସିଂହ, ସାମାଜିକ କର୍ମୀ ଅଶୋକ ସାମଲ ଯୋଗଦେଇ ସ୍ଥାନୀୟ ଜନସାଧାରଣଙ୍କ ସେବାମୂଳକ କାର୍ଯ୍ୟ ଓ ରକ୍ତଦାନ ପାଇଁ ପ୍ରଶଂସା କରିବା ସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଏଥିରେ ଖବରଦାତା ପ୍ରବାସ ଦାଶ, ଉତ୍କଳ କେଶରୀ ସାମଲ, ପ୍ରଫୁଲ୍ଲ ପଣ୍ଡା, ଅଜୟ୍ ଦାଶ, ସୁମନ୍ତ ଜେନା, ତୁଷାର ରଞ୍ଜନ ଜେନା, ଚିତ୍ତରଞ୍ଜନ ସିଂହ, ସେକ୍ ଇକ୍‌ବାଲ ହୁସେନ୍, ଜ୍ଞାନ ରଞ୍ଜନ ପୃଷ୍ଟି, ରତିକାନ୍ତ ସାମଲ, ବିଭୁଶଙ୍କର ପୃଷ୍ଟି ଓ ନିଶିକାନ୍ତ ମହାନ୍ତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଭାରତ ସରକାରଙ୍କ ପକ୍ଷରୁ ସଫଳ ପରୀକ୍ଷଣ ପରେ ଘୋଷଣା କରାଯାଇଥିବା 'ଭାରତ କା କବଚ୍' ବ୍ୟବସ୍ଥା ସମସ୍ତ ଟ୍ରେନ୍‌ରେ ଲାଗୁ ପାଇଁ ଦାବି କରାଯାଇଥିଲା। ଏହା କରାଗଲେ ଭବିଷ୍ୟତରେ ଅନେକାଂଶରେ ରେଳ ଦୁର୍ଘଟଣାକୁ ରୋକାଯାଇ ପାରିବ ବୋଲି ପ୍ରେସ୍‌କ୍ଲବ ସଦସ୍ୟ ଚିତ୍ତରଞ୍ଜନ ସିଂହ ମତବ୍ୟକ୍ତ କରିଥିଲେ।

ବାହାନଗା ଟ୍ରେନ୍ ଦୁର୍ଘଟଣା

# ଯାଜପୁର ଜିଲ୍ଲାର ୨ ଜଣଙ୍କ ମୃତ୍ୟୁ



ଜିତେନ୍ଦ୍ର ସାହୁ



ଶିବଶଙ୍କର ସାହୁ



ଟ୍ରେନ୍ ବାତିଲ ଯୋଗୁ ଯାଜପୁର-କେନ୍ଦୁଝର ଷ୍ଟେଶନରେ ଯାତ୍ରୀମାନେ ଶୋଇରହିଛନ୍ତି।

**ଯାଜପୁର ଅଫିସ/ ଯାଜପୁର ରୋଡ୍/ ଯାଜପୁର ଟାଉନ/ ରସୁଲପୁର(ଡି.ଏନ.ଏ.),୩।୬:**

ବାଲେଶ୍ୱର ଜିଲା ବାହାନଗାଠାରେ ମର୍ମନ୍ତୁଦ ଟ୍ରେନ୍ ଦୁର୍ଘଟଣାରେ ଯାଜପୁର ଜିଲାର ୨ ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ହେଲେ ଯାଜପୁର ରୋଡ ଥାନା ଅର୍ନ୍ତଗତ ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ କୃଷ୍ଣନଗର ଗ୍ରାମର ନରେନ୍ଦ୍ର ସାହୁଙ୍କ ପୁଅ ଜିତେନ୍ଦ୍ର ସାହୁ(୪୫) ଓ ଦାନଗଦୀ ବ୍ଲକ ରାଛିପୁର ଗ୍ରାମର ଘନଶ୍ୟାମ ସାହୁଙ୍କ ପୁତ୍ର ଶିବଶଙ୍କର ସାହୁ(୫୦)। ଜିତେନ୍ଦ୍ର ପିତାମାତାଙ୍କ ବଡ଼ ପୁଅ ହୋଇଥିବାବେଳେ ତାଙ୍କର ଜଣେ ସାନ ଭାଇ ଅଛନ୍ତି। ତାଙ୍କର ଦୁଇ ପୁଅ(୧୦ ଏବଂ ୬ ବର୍ଷର) ରହିଥିବାବେଳେ ତାଙ୍କ ସ୍ତ୍ରୀ ଦୁଇ ମାସ ହେବ କୌଣସି ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ରହିଛନ୍ତି। ସେହିପରି ଶିବଶଙ୍କରଙ୍କ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ରହିଛନ୍ତି। ଅନ୍ୟପକ୍ଷେ ଶୁକ୍ରବାର ଦୁର୍ଘଟଣା ପ୍ରଭାବରେ ଟ୍ରେନ ଚଳାଚଳ ବାତିଲ ହେବା ପରେ ଯାଜପୁର-କେନ୍ଦୁଝର ରୋଡ୍ ରେଳଷ୍ଟେସନରେ ହଜାର ହଜାର ସଂଖ୍ୟାରେ ଯାତ୍ରୀ ଅଟକି ରହିଥିଲେ।

ପୁରୀ-ବାଙ୍ଗିରିପଶି ବାରିପଦା ସୁପରଫାଷ୍ଟ ଏକ୍ସପ୍ରେସ ଯାଜପୁର ରୋଡ ଆଗକୁ ଯାତ୍ରା ବାତିଲ କରାଯାଇଥିଲା। ଡାକବାଜି ଯନ୍ତ୍ର ସାହାଯ୍ୟରେ ଟ୍ରେନରୁ ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇ ଯିବାକୁ ପରାମର୍ଶ ଦିଆଯାଇଥିଲା। ଯାତ୍ରୀମାନଙ୍କ ମଧ୍ୟରେ ଅନେକ ଭିନ୍ନକ୍ଷମ, ରୋଗୀ, ବୃଦ୍ଧାବୃଦ୍ଧ, ମହିଳା ଓ ଶିଶୁ ଗନ୍ତବ୍ୟ ସ୍ଥଳକୁ ନିର୍ଦ୍ଧାରିତ ସମୟରେ ଯାଇ ପାରି ନ ଥିଲେ। ଯାତ୍ରୀମାନେ ଷ୍ଟେଶନ ଚଟାଣରେ ବସିରହି ନାନା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କେବଳ ସେମାନଙ୍କ ଟିକେଟ ରାଶି ଫେରାଇ ଦେବାର ବନ୍ଦୋବସ୍ତ କରି ରେଳୱେ କର୍ତ୍ତୃପକ୍ଷ ଚୁପ ହୋଇ ବସି ରହିଥିଲେ। ସେମାନଙ୍କ ଖାଇବା, ପିଇବା କିମ୍ବା ଯାତ୍ରାର କୌଣସି ସୁବନ୍ଦୋବସ୍ତ କରାଯାଇ ନ ଥିଲା, ଯାହାକୁ ନେଇ ଯାତ୍ରୀ ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଖବର ପାଇ ଷ୍ଟେଶନ ମାଷ୍ଟର ଏସ.କେ ସ୍ୱାଇଁଙ୍କ ସହ ଯୋଗାଯୋଗ କରି ଅଟକିଥିବା ଯାତ୍ରୀଙ୍କୁ ଗନ୍ତବ୍ୟସ୍ଥଳରେ ପହଞ୍ଚାଇବାର ବ୍ୟବସ୍ଥା କରିଥିଲେ। ପରେ ଜିଲାପାଳ ରାଠୋର ଓ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲ ଷ୍ଟେଶନରେ ପହଞ୍ଚି ପରିସ୍ଥିତିର ସମୀକ୍ଷା କରିଥିଲେ। ଶନିବାର ମଧ୍ୟ ରେଳ ଚଳାଚଳ ସ୍ୱାଭାବିକ ହୋଇ ନ ଥିବାରୁ ବିଭିନ୍ନ ସ୍ଥାନକୁ ଯିବା ପାଇଁ ପୂର୍ବରୁ ଟିକଟ କରିଥିବା ଯାତ୍ରୀ ଷ୍ଟେଶନକୁ ଆସି ଫେରୁଥିବା ଦେଖିବାକୁ ମିଳିଥିଲା।

- ଜିଲା ସଦର ଡାକ୍ତରଖାନାରେ ୨ ଭର୍ତ୍ତି
- ଜଣେ ଗୁରୁତରଙ୍କୁ କଟକ ସ୍ଥାନାନ୍ତର

ସେହିପରି ଯାଜପୁର ଜିଲା ସଦର ଡାକ୍ତରଖାନାରେ ଗୁରୁତର ଆହତ ୩ ଜଣଙ୍କୁ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟ ଦେଓଗଡ଼ ଜିଲା ଲୋଟନ ଗ୍ରାମର ସୁନ୍ଦର ରାମ ରୋହିଦାସ(୫୮) ଓ ପଶ୍ଚିମବଙ୍ଗ ରାଜ୍ୟ ଇଷ୍ଟବର୍ଦ୍ଧମାନ ଅଞ୍ଚଳର ଶଙ୍କର ରାୟ(୪୬) ଯାଜପୁର ସଦର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଦୁର୍ଘଟଣାରେ ଏମାନଙ୍କୁ ହେଡ୍ ଇନଜ୍ୟୁରି ଥିବାରୁ ସତର୍କତା ଅବଲମ୍ବନ କରାଯାଇ ଚିକିତ୍ସା ଚାଲିଥିବା ଡାକ୍ତର ପ୍ରକାଶ କରିଛନ୍ତି। ଉଭୟଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ୱାଭାବିକ ଥିବା ଜଣାପଡିଛି। ଗୁରୁତର ବିହାର ରାଜ୍ୟର ଗୟା ଜିଲା ଡୁମୁରିୟା ଅଞ୍ଚଳର ରଞ୍ଜନ ଭୂୟାଁଙ୍କୁ କଟକ ସ୍ଥାନାନ୍ତର କରାଯାଇଛି।

ଯାଜପୁର ଜିଲା ସଦର ଡାକ୍ତରଖାନାରେ ଜିଲାପାଳ ରାଠୋର ପହଞ୍ଚି ଚିକିତ୍ସାଧୀନଙ୍କ ଅବସ୍ଥା ବୁଝିବା ସଙ୍ଗେସଙ୍ଗେ କିପରି ଭଲ ଚିକିତ୍ସା ଯୋଗାଇ ଦିଆଯିବ ସେଥିପାଇଁ ସିଡିଏମଓ ଶିବାଶିଷ ମହାରଣାଙ୍କ ସହ ପରାମର୍ଶ କରିଥିଲେ। ଶନିବାର ସକାଳୁ ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ, ଯାଜପୁର ପୋରପାଳିକାର ପୌରାଧକ୍ଷା ରଞ୍ଜୁଲତା ହୋତା, ଉପାଧକ୍ଷ ସନ୍ତୋଷ କୁମାର ମଲ୍ଲିକ, ଯାଜପୁର ଭାଜପା ଜିଲା ସଭାପତି ଗୌତମ ରାୟ, ଜିଲା ସାଧାରଣ ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା, ଜିଲା କଂଗ୍ରେସ ସଭାପତି ମନୋଜ କୁମାର ରାଉତ, ସନ୍ତୋଷ କୁମାର ନନ୍ଦ ପ୍ରମୁଖ ପହଞ୍ଚି ଆହତଙ୍କ ଅବସ୍ଥା ପଚାରି ବୁଝିଥିଲେ। ଟ୍ରେନ୍ ଦୁର୍ଘଟଣା ପାଇଁ ବାତିଲ ହୋଇଯାଇଥିବା ଟ୍ରେନ୍‌କୁ ଅପେକ୍ଷା କରିଥିବା ୨୪୭ ଯାତ୍ରୀଙ୍କୁ ୫ଟି ବସ୍‌ଯୋଗେ ବାଲେଶ୍ୱର, ୩୨୦ଜଣ ଯାତ୍ରୀଙ୍କୁ ୮ଟି ବସ୍‌ଯୋଗେ ବାରିପଦା ପଠାଯିବା ସହ ସେମାନଙ୍କୁ ବିସ୍କୁଟ, ପାଣିବୋତଲ ଆଦି ପ୍ରଦାନ କରାଯାଇଥିଲା। ଜିଲାରୁ ୮ଟି ଦମକଳବାହିନୀ ଓ ୬ ଆମ୍ବୁଲାନ୍ସ ଦୁର୍ଘଟଣାସ୍ଥଳ ବାହାନଗାକୁ ପଠାଯାଇଛି ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଯାଜପୁର ଜିଲା ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ଥିବାବେଳେ ଉଦ୍ଧାର ଲାଗି ୧୦ ଜଣିଆ ଡାକ୍ତରି ଟିମ ଓ ୪ ଟି ଆମ୍ବୁଲାନ୍ସ ଘଟଣା ସ୍ଥଳକୁ ପଠାଯାଇଛି। ଅନ୍ୟପକ୍ଷେ ଟ୍ରେନ ଦୁର୍ଘଟଣାର ଶବ୍ଦ ଶୁଣି ବେହୋସ ହୋଇ ଯାଇଥିଲେ ଏବଂ ପ୍ରଭୁ ଜଗନ୍ନାଥ ଓ ବାପାମାଙ୍କ କୃପାରୁ ସେ ବଞ୍ଚି ଯାଇଥିବା ଚିକିତ୍ସାଧୀନ ଶଙ୍କର ରାୟ କୋହଭରା କଣ୍ଠରେ ପ୍ରକାଶ କରିଛନ୍ତି।

### ଜିତେନ୍ଦ୍ରଙ୍କ ପରିବାରର ଆର୍ଥିକ ମେରୁଦଣ୍ଡ ଦୋହଲିଗଲା

**ରସୁଲପୁର,୩।୬(ଡି.ଏନ.ଏ.):**

ଯାଜପୁର ଜିଲା ରସୁଲପୁର ବ୍ଲକ ଅଧୀନ ଲକ୍ଷ୍ମୀନଗର ପଞ୍ଚାୟତ କୃଷ୍ଣନଗର ଗ୍ରାମର ନରେନ୍ଦ୍ର ସାହୁଙ୍କ ପୁଅ ଜିତେନ୍ଦ୍ର(୪୨)ଙ୍କ ଟ୍ରେନ୍ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ପରିବାର ଲୋକେ ମୃତଦେହ ଚିହ୍ନଟ କରିବା ପରେ ଶନିବାର ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ଏହିଭଳି ଦୁଃଖଦ ଘଟଣା ରୋଗୀଣା ସ୍ତ୍ରୀ ଓ ବୃଦ୍ଧ ମା'ବାପାଙ୍କ ମୁଣ୍ଡରେ ବଜ୍ର ପକାଇ ଦେଇଛି। ଜିତେନ୍ଦ୍ରଙ୍କ ମୃତ୍ୟୁପରେ ତାଙ୍କ ପରିବାରର ଆର୍ଥିକ ମେରୁଦଣ୍ଡ ଦୋହଲିଯାଇଛି।

ଜିତେନ୍ଦ୍ର ବାଲେଶ୍ୱରର ଏକ ଘରୋଇ କମ୍ପାନୀରେ ଚାକିରି କରୁଥିଲେ। ପ୍ରତ୍ୟେକ ଶୁକ୍ରବାର ରାତିରେ ଘରକୁ ଫେରନ୍ତି। ଶନିବାର ଓ ରବିବାର ଛୁଟି କାଟିବା ପରେ ସୋମବାର ପୁଣି ଚାକିରିରେ ଯୋଗ ଦିଅନ୍ତି। ସେହି ଅନୁସାରେ ଜିତେନ୍ଦ୍ର ଶୁକ୍ରବାର ଘରକୁ ଆସିବାକୁ ବାହାନଗା ଷ୍ଟେଶନରୁ କରମଣ୍ଡଳ ଏକ୍ସପ୍ରେସ୍‌ର ସାଧାରଣରେ ବଗିରେ ବସିଥିଲେ। ଷ୍ଟେଶନଠାରୁ ମାତ୍ର ୨୦ କି.ମି. ଦୂରରେ ଟ୍ରେନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଉକ୍ତ ଦୁର୍ଘଟଣାର ଶିକାର ହୋଇଥିଲେ ଜିତେନ୍ଦ୍ର। ଏ ସମ୍ପର୍କରେ ଜାଣିବା ପରେ ପରିବାଲୋକଙ୍କ ମଧ୍ୟରେ ବ୍ୟସ୍ତତା ବଢ଼ି ଯାଇଥିଲା। ତାଙ୍କୁ ଫୋନରେ ଯୋଗାଯୋଗ କରାଯାଇଥିଲା। ମାତ୍ର ସେଥିରେ କୌଣସି ଉତ୍ତର ନ ମିଳିବାରୁ ପରିବାର ଲୋକଙ୍କ ସନ୍ଦେହ ବଢି ଯାଇଥିଲା। ପରେ ସମ୍ପର୍କୀୟମାନେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ଜାଣିବାକୁ ପାଇଥିଲେ। ସେଠାରୁ ମୃତଦେହକୁ ଜନ୍ମମାଟିକୁ ଆଣିଥିଲେ। ଜିତେନ୍ଦ୍ର ପରିବାର ପାଇଁ ଏକମାତ୍ର ରୋଜଗାରିଆ ଥିଲେ। ତାଙ୍କ ଦରମାରେ ଘର ଚଳୁଥିଲା। ଜିତେନ୍ଦ୍ରଙ୍କ ମୃତ୍ୟୁ ପରେ ତାଙ୍କ ମା',ବାପା, ସ୍ତ୍ରୀ ଓ ଦୁଇପୁଅଙ୍କ ଅବସ୍ଥା କ'ଣ ହେବ ତାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଆହତଙ୍କ ପାଇଁ ରୋଟାରି କ୍ଲବ ପକ୍ଷରୁ ରକ୍ତ ସଂଗ୍ରହ

ବାହାନଗା ଟ୍ରେନ ଦୁର୍ଘଟଣା

**ଧର୍ମଶାଳା,୩।୬(ଡି.ଏନ.ଏ.):**

ରକ୍ତ ବିନା କାହାରିକୁ ମରିବାକୁ ଦିଆଯିବନାହିଁ। ଏପରି ଏକ ମହତ୍ ସଂକଳ୍ପ ନେଇ ରୋଟାରି କ୍ଲବ ଜାରକା, ଇନରହୁଇଲ କ୍ଲବ ଓ ଖବରଦାତା ସୀତାକାନ୍ତ ସାମଲଙ୍କ ସହଯୋଗରେ ଜାରକାଠାରେ ରକ୍ତ ସଂଗ୍ରହ କରାଯାଇଛି। ବାହାନଗାରେ ରେଳ ଦୁର୍ଘଟଣାରେ ଆହତଙ୍କ ପାଇଁ ଜାରକା ରୋଟାରି କ୍ଲବ ପକ୍ଷରୁ ଜାରକା ଫ୍ଲାଇଓଭର ନିକଟରେ ଅନୁଷ୍ଠିତ ଭ୍ରାମ୍ୟମାଣ ରକ୍ତଦାନ ଶିବିରକୁ ଅବସରପ୍ରାପ୍ତ ଜିଲା ମୁଖ୍ୟଚିକିତ୍ସାଧିକାରୀ ତଥା ରୋଟାରିଆନ ଡା. ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ। ଆଇଆରଏସର ଏକ ସ୍ୱତନ୍ତ୍ର ରକ୍ତ ସଂଗ୍ରହ ଭ୍ୟାନରେ ସ୍ୱେଚ୍ଛାସେବୀମାନେ ରକ୍ତଦାନ କରିଥିଲେ। କଟକ ବ୍ଲଡ୍ ବ୍ୟାଙ୍କର ଅଭିଜ୍ଞ ଡା. ସୁଧାଂଶୁ ଶେଖର ସାହୁ ଓ ଟେକନିସିଆନ ଅବିନାଶ ଦାସ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ। ଶିବିରରେ ୮୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜାରକା ରୋଟାରି କ୍ଲବ ସଭାପତି ପ୍ରମୋଦ ସାମଲ, ସମ୍ପାଦକ ସୁକାନ୍ତ ସ୍ୱାଇଁ, ରୋଟାରିୟାନ ପ୍ରଦୀପ ବରାଳ, ଅଜାମ୍ବର ସାହୁ, ଇଂ.ବିପିନ ଷଡ଼ଙ୍ଗୀ, ଜୟନ୍ତ କୁମାର ସାହୁ, ନିରଞ୍ଜନ ପାଣିଗ୍ରାହୀ, ବିନୋଦ ପରିଡ଼ା, ଜୟପ୍ରକାଶ ତ୍ରିପାଠୀ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଦୀପକ ଜେନା, ପ୍ରଶାନ୍ତ ପୃଷ୍ଟି, ହରିହର ପଣ୍ଡା ଓ ନିରଞ୍ଜନ ପାଣିଗ୍ରାହୀଙ୍କ ସମେତ ଇନରହୁଇଲ କ୍ଲବର ପ୍ରାକ୍ତନ ସଭାପତି ମାଧୁରୀ ଶତପଥୀ, ମିନତି ସାହୁ, ରଶ୍ମିତା ନାୟକ, କଳ୍ପନା ପରିଡ଼ା, ଡ.ଇନ୍ଦୁପ୍ରଭା ସାମଲ, ସଭାନେତ୍ରୀ ଶୁଭଲକ୍ଷ୍ମୀ କର ଓ ଅର୍ଚ୍ଚନା ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ରକ୍ତଦାନ କରିଥିଲେ।



ରକ୍ତଦାନ ଶିବିରକୁ ରୋଟାରିଆନ ଡା. ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରୁଛନ୍ତି।

## ଜୁନ୍ ମାସର ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ପ୍ରକାଶ

**ଯାଜପୁର ଟାଉନ,୩।୬ (ଡି.ଏନ.ଏ.):**

ଯାଜପୁର ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଏବଂ ଆରକ୍ଷୀ ଅଧୀକ୍ଷକ ଭିନୀତ ଅଗ୍ରୱାଲଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଜିଲା ସଦର ମହକୁମା ସମେତ ବିଭିନ୍ନ ବ୍ଲକ୍‌ରେ ଅନୁଷ୍ଠିତ ହେବା ପାଇଁ ସ୍ଥିରୀକୃତ ହୋଇଛି। ସ୍ଥିରୀକୃତ ସୂଚୀ ଅନୁଯାୟୀ ଜୁନ୍ ୫ ତାରିଖ ସୋମବାର ଜିଲା ପରିଷଦ ସମ୍ମିଳନୀ ଗୃହ ଓ ୧୨ ତାରିଖ ସୋମବାର ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟଠାରେ ପୂର୍ବାହ୍ନ ୮ରୁ ୧୨ଘଟିକା ପର୍ଯ୍ୟନ୍ତ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ସେହିପରି ୧୯ତାରିଖ ସୋମବାର ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ଓ ୨୬ତାରିଖ ସୋମବାର ବରୀ ବ୍ଲକ୍ କାର୍ଯ୍ୟାଳୟଠାରେ ଦିବା ୧୦ରୁ ଅପରାହ୍ନ ୨ ଘଟିକା ପର୍ଯ୍ୟନ୍ତ ମିଳିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଏଥିରେ ବିଡିଓ, ତହସିଲଦାର, ବିଭିନ୍ନ ଜିଲାସ୍ତରୀୟ ଅଧିକାରୀ, ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧୀକ୍ଷଣ ଯନ୍ତ୍ରୀ ଓ ନିର୍ବାହୀ ଯନ୍ତ୍ରୀମାନେ ଯୋଗଦେଇ ମିଳିତ ଅଭିଯୋଗ ଶୁଣାଣି ସମାଧାନରେ ସହଯୋଗ କରିବେ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

## ବିଜ୍ଞାନ ବ୍ଲକ୍ ଟପ୍ପରଙ୍କୁ ସମ୍ବର୍ଦ୍ଧନା



ଯୁକ୍ତ ୨ ବିଜ୍ଞାନ ବ୍ଲକ ଟପ୍ପରକୁ କଲେଜ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

**ଧର୍ମଶାଳା,୩।୬(ଡି.ଏନ.ଏ.):**

ଧର୍ମଶାଳା ବ୍ଲକ ଅଧୀନ ମୁକୁନ୍ଦପାତ୍ର ଜୁନିୟର କଲେଜର ଯୁକ୍ତ ୨ ବିଜ୍ଞାନ ଛାତ୍ର ଅଭିଜିତ ସାହୁ ଚଳିତ ପରୀକ୍ଷାରେ ବ୍ଲକରେ ଟପ୍ପର ହୋଇଛନ୍ତି। ଏଥିପାଇଁ କଲେଜ ପକ୍ଷରୁ ତାଙ୍କୁ ଶନିବାର ସମ୍ବର୍ଦ୍ଧିତ କରାଯାଇଛି। କଲେଜ ଅଧକ୍ଷ ହେମନ୍ତ କୁମାର ଦାସଙ୍କ ଅଧକ୍ଷତାରେ କଲେଜ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଛାତ୍ର ସାହୁ ପରୀକ୍ଷାରେ ୯୧ ପ୍ରତିଶତ ହାରରେ ୫୪୬ ମାର୍କ ରଖିଛନ୍ତି। ଏଥିସହ କଲେଜ ମଧ୍ୟ ବିଜ୍ଞାନ ପରୀକ୍ଷାରେ ଶତପ୍ରତିଶତ ରେଜଲ୍ଟ କରିଛି। ଅଧ୍ୟାପକ ମନୋଜ କୁମାର ଧୀର, ଅଭିମନ୍ୟୁ ସାହୁ, ସୁବ୍ରତ କୁମାର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ କହିଛନ୍ତି, ଅଭିଜିତ ମାଟ୍ରିକ ପରୀକ୍ଷାରେ ୭୩ ଭାଗ ମାର୍କ ରଖି ରଖିଥିବାବେଳେ ମନଲଗାଇ ଅଧ୍ୟୟନ କରିବାରୁ ତାକୁ ଏ ସଫଳତା ମିଳିଛି। ଅଭିଜିତ ଆଗାମୀ ଦିନରେ ଡାକ୍ତରୀ ପଢ଼ିବା ପାଇଁ ଇଚ୍ଛାବ୍ୟକ୍ତ କରିଥିବା କହିଛନ୍ତି।

## ମୃତାହତଙ୍କ ପାଇଁ ସମୂହ ଦୀପଦାନ

**ଯାଜପୁରରୋଡ୍,୩।୬(ଡି.ଏନ.ଏ.):**

ବାଲେଶ୍ୱର ଜିଲା ବାହାନଗାଠାରେ କରମଣ୍ଡଳ ଟ୍ରେନ୍ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ଅମର ଆତ୍ମାର ସଦଗତି ଏବଂ ଆହତଙ୍କ ଆଶୁ ଆରୋଗ୍ୟ କାମନା କରି ସମୂହ ଦୀପଦାନ କରାଯାଇଛି। ଯାଜପୁରରୋଡ୍ ବ୍ୟାସନଗରଠାରେ ଥିବା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ତଳେ ସହରର ଅଗ୍ରଣୀ ସାମାଜିକ ସଂଗଠନ ଶହୀଦ ଭଗତ ସିଂ ଯୁବକ ସଂଘ ପକ୍ଷରୁ ଶନିବାର ସନ୍ଧ୍ୟା ୬ଟାରେ ଏହି ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ୨ ମିନିଟ ମୃତକଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଦୀପଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳ, ସମ୍ପାଦକ ହେମନ୍ତ କୁମାର ଧୀର, କାର୍ଯ୍ୟକାରୀ ସଭାପତି ସମୀର ରାୟ, ଉପସଭାପତି କଳିଙ୍ଗ ପଢ଼ି, କୋଷାଧ୍ୟକ୍ଷ ପରେଶ ଦାଶ, ଖବରଦାତା ମଳୟ ମଲ୍ଲିକ, ପବିତ୍ର ମହାନ୍ତି, ସୁଜିତ ମଲ୍ଲିକ, କଳ୍ପତରୁ ଧୀର, ଆଶିଷ ମଲ୍ଲିକ, ହେମନ୍ତ ନାୟକ, ଅସିତ ଦାସ, ଦୀପକ ଦାସ, କାଳନ୍ଦୀ ମଲ୍ଲିକ, ରମାକାନ୍ତ ବେହେରା, ଖଗେଶ୍ୱର ମଲ୍ଲିକ, ଗୋବିନ୍ଦ ବାରିକ, ମାନସ ରାଉତ ଓ ମନୀଷ ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



ଭଗତ ସିଂ ଯୁବକ ସଂଘ ପକ୍ଷରୁ ସମୂହ ଦୀପଦାନ କରାଯାଉଛି।

## ପଞ୍ଚାୟତ ହାଇସ୍କୁଲରୁ ଏକାଧିକ ଥର ଚୋରି

**ରସୁଲପୁର,୩।୬(ଡି.ଏନ.ଏ.):**

ରସୁଲପୁର ବ୍ଲକ ଅଧୀନ ନଠୁଆବର ପଞ୍ଚାୟତରେ ୫-ଟିରେ ପ୍ରଥମ ପର୍ଯ୍ୟାୟ ରୂପାନ୍ତରିତ ହୋଇଥିବା ଆଦମପୁର ପଞ୍ଚାୟତ ହାଇସ୍କୁଲରୁ ଏକାଧିକ ଥର ଚୋରି ହୋଇଛି। ଏନେଇ ବିଦ୍ୟାଳୟ ପରିଚାଳନା କମିଟି ଓ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ରଥଙ୍କ ମଧ୍ୟରେ ଆଲୋଚନା କରାଯାଇ ଜିଲା ଶିକ୍ଷାଧିକାରୀ, ବ୍ଲକ ଶିକ୍ଷାଧିକାରୀ ଓ କୁଆଖିଆ ଥାନାରେ ଅଭିଯୋଗ କରାଯାଇଛି। ହେଲେ ଏଯାଏ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଫଳରେ ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ବିଦ୍ୟାଳୟକୁ ରୂପାନ୍ତରିତ କରାଯିବା ପରେ ବିଦ୍ୟାର୍ଥୀଙ୍କୁ ବିଶୁଦ୍ଧ ଥଣ୍ଡା ପାନୀୟଜଳ ଯୋଗାଣ ପାଇଁ ୱାଟର ଜୋନ ସ୍ଥାପନ କରାଯାଇଥିଲା। ଉକ୍ତ ଜୋନରେ ଫ୍ରିଜର ଓ ଆକ୍ୱାଗାର୍ଡ ସଂଯୋଗ କରାଯାଇଥିଲା। ମାତ୍ର ମେ'୩୧ତାରିଖ ରାତିରେ ଫ୍ରିଜର ଓ ଆକ୍ୱାଗାର୍ଡକୁ ଦୁର୍ବୃତ୍ତ ଚୋରି କରି ନେଇଛନ୍ତି। ପରଦିନ ଏ ସମ୍ପର୍କରେ ବିଦ୍ୟାଳୟର କିରାଣି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଫୋନ ଯୋଗେ ଜଣାଇଥିଲେ। ପରେ ଘଟଣାକୁ ନେଇ ପ୍ରଧାନଶିକ୍ଷୟିତ୍ରୀ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଓ ସଦସ୍ୟଙ୍କ ସହ ଆଲୋଚନା କରିଥିଲେ। ଏହାପରେ କମିଟି ପକ୍ଷରୁ ଚୋରି ସାମଗ୍ରୀ ସମ୍ପର୍କରେ ରିଜୋଲ୍ୟୁସନ କରାଯିବା ସହ ବିଭିନ୍ନ ସ୍ଥାନରେ ଅଭିଯୋଗ କରାଯିବା ନେଇ ପ୍ରସ୍ତାବ ପାରିତ ହୋଇଥିଲା। କମିଟି ନିଷ୍ପତ୍ତି ମୁତାବକ ଥାନାରେ ଅଭିଯୋଗ କରାଯିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ରଥ ସୂଚନା ଦେଇଛନ୍ତି।

ଏହାଛଡ଼ା ଚଳିତବର୍ଷ ଜାନୁୟାରୀରେ ବିଦ୍ୟାଳୟ କ୍ରୀଡ଼ା ଉତ୍ସବ ସମୟରେ ବିଦ୍ୟାଳୟର ଏକ ପ୍ରକୋଷ୍ଠରୁ ଡାକବାଜି ଯନ୍ତ୍ର ସେଟ୍ ଚୋରି ହୋଇଥିଲା। ଏଥିପୂର୍ବରୁ ବିଦ୍ୟାଳୟ ଆଲୋକୀକରଣ ପାଇଁ ସଂଯୋଗ ହୋଇଥିବା ଲାଇଟ୍‌କୁ ଦୁର୍ବୃତ୍ତ ଚୋରି କରିଥିଲେ। ଏଭଳି ଭାବେ ବିଦ୍ୟାଳୟରୁ ଏକାଧିକ ଥର ଚୋରି ହୋଇଆସୁଛି। ଚୋରି ସମ୍ପର୍କରେ ନାନା ସମୟରେ ବିଭିନ୍ନ ସ୍ଥାନରେ ଅଭିଯୋଗ ହେଉଛି। ଥାନାରେ ମଧ ଅଭିଯୋଗ କରାଯାଇ ଆସୁଛି। ହେଲେ ପୋଲିସ ପକ୍ଷରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ବୋଲି କୁହାଯାଉଛି। ଏଦିଗରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗ ପରେ ପୋଲିସ ପାଟ୍ରୋଲିଂ ଗାଡି ଆସି ବିଦ୍ୟାଳୟରେ ବୁଲାବୁଲି କରିବା ସହ ସହକାରୀ ଶିକ୍ଷକଙ୍କ ସହ ଆଲୋଚନା କରି ଫେରିଯାଇଥିଲା। ପୋଲିସ ପକ୍ଷରୁ ତାଙ୍କର କୌଣସି ମତାମତ ନିଆଯାଇ ନାହିଁ।

ଅପରପକ୍ଷରେ କର୍ତ୍ତୃପକ୍ଷ ଦୋଷ ଖସାଇବା ପାଇଁ ଚୋରି ସମ୍ପର୍କରେ କମିଟି ନଜରକୁ ଆଣିବା ସହ କମିଟି ଜରିଆରେ ପ୍ରସ୍ତାବ ପାରିତ କରିବା ପରେ ଅଭିଯୋଗ କରି କାମ ସାରି ଦେଉଛନ୍ତି। ଚୋରିକୁ ନେଇ ପୋଲିସ, ପରିଚାଳନା କମିଟି, ବିଦ୍ୟାଳୟ କର୍ତ୍ତୃପକ୍ଷ ଓ ଅଭିଭାବକଙ୍କ ମଧ୍ୟରେ କୌଣସି ବ୍ୟସ୍ତତା ପରିଲକ୍ଷିତ ହେଉଥିବା ଲକ୍ଷ୍ୟ କରାଯାଉ ନାହିଁ। ଏହାକୁ ନେଇ ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟିତ ହେଉଛି। ତେଣେ ବାରମ୍ବାର ଚୋରି ହେବା ସହ ବିଦ୍ୟାଳୟର ମୂଲ୍ୟବାନ ସମ୍ପତ୍ତି ନଷ୍ଟ ହୋଇଯାଉଛି। ଏହି ବିଦ୍ୟାଳୟରେ ଆହୁରି ଅନେକ ମୂଲ୍ୟବାନ୍ ସାମଗ୍ରୀ ସଂଯୋଗ ହୋଇ ରହିଛି। ସେ ସବୁକୁ ସୁରକ୍ଷା ଦିଆ ନ ଯାଇ ପାରିଲେ ଆଗକୁ ବିଦ୍ୟାଳୟରେ କଳାକନା ବୁଲିଯିବା ଏକପ୍ରକାର ଥୟ ବୋଲି କୁହାଯାଉଛି।

### ଅଭିଯୋଗ ସତ୍ତ୍ୱେ ହେଉନି କାର୍ଯ୍ୟାନୁଷ୍ଠାନ




ବିଦ୍ୟାଳୟ ପରିସରରେ ଲାଗିଥିବା ଫ୍ରିଜର ଓ ଆକ୍ୱାଗାର୍ଡ ଚୋରି ହୋଇଯାଇଛି।

## ସଂକ୍ଷେପରେ

### ଅପରେଶନ ହ୍ୟୁମାନରେ ରାଜନଗର ଡାକ୍ତରୀ ଟିମ୍ ସାମିଲ

ରାଜନଗର,୩।୬(ଡି.ଏନ.ଏ.): ଶୁକ୍ରବାର ବାଲେଶ୍ୱର ଜିଲା ବାହାନାଗରେ ହୋଇଥିବା ରେଳ ଦୁର୍ଘଟଣା ସମଗ୍ର ବିଶ୍ୱକୁ ସ୍ତମ୍ଭିଭୂତ କରିଦେଇଛି। ଏହିଭଳି ହୃଦୟଥରା ଘଟଣାରେ ବହୁ ଲୋକ ଜୀବନ ହରାଇଛନ୍ତି। ଅନେକ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସେମାନଙ୍କୁ ସେବା ଯୋଗାଇ ଦେବା ପାଇଁ ଶୁକ୍ରବାର ବିଳମ୍ବିତ ରାତ୍ରିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମୀରଞ୍ଜନ ମହାନ୍ତିଙ୍କ ନିର୍ଦ୍ଦେଶରେ ବରିଷ୍ଠ ଚିକିତ୍ସକ ପ୍ରଣବ କୁମାର ଶୁକ୍ଳାଙ୍କ ନେତୃତ୍ୱରେ ୮ଜଣିଆ ଚିକିତ୍ସକ ଦଳ ବାହାନାଗରେ ପହଞ୍ଚି ଲୋକଙ୍କ ସେବାରେ ନିୟୋଜିତ ହୋଇଛନ୍ତି। ଏପରି ମାନବୀୟ କାର୍ଯ୍ୟଧାରାକୁ ସବୁ ମହଲରୁ ସ୍ୱାଗତ କରାଯାଇଛି।

### ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ପାଇଁ ଅମଲାଙ୍କ ନୀରବ ପ୍ରାର୍ଥନା

ରାଜନଗର,୩।୬(ଡି.ଏନ.ଏ.): ରାଜନଗର ବ୍ଲକସ୍ତରୀୟ ମିଳିତ ଅମଲା ମଞ୍ଚ ଶାଖା ପକ୍ଷରୁ ୩ ଦିନ ହେଲା କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିଛି। ଶୁକ୍ରବାର ରାତିରେ ବାଲେଶ୍ୱରର ବାହାନାଗଠାରେ ମର୍ମନ୍ତୁଦ ଟ୍ରେନ ଦୁର୍ଘଟଣାରେ ୨୮୮ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବା ବେଳେ ପ୍ରାୟ ୧ହଜାର ଲୋକ ଆହତ ହୋଇଛନ୍ତି। ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଶନିବାର ଆନ୍ଦୋଳନରେ ସାମିଲ ହୋଇଥିବା କର୍ମଚାରୀମାନେ ସମୂହ ନୀରବ ପ୍ରାର୍ଥନା କରିବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଅମଲା ସଂଘର ପ୍ରଦ୍ୟୁମ୍ନ ବେହେରା, ହିମାଂଶୁ ଶେଖର ବେହେରା, ବିପ୍ଳବ ସେନାପତି, ରଞ୍ଜନ କୁମାର ପାଢ଼ୀ, ମନୋରଞ୍ଜନ ମିଶ୍ର, ପରେଶ କୁମାର ମଳିକ, ଜୟନ୍ତ କୁମାର ସାମଲ, କେଶବାନନ୍ଦ ସେଠୀ, କେଶବ ଚନ୍ଦ୍ର ସାହୁ ପ୍ରମୁଖ ଶୋକ ସଭାରେ ସାମିଲ ହୋଇଥିଲେ।

### ଏରସମା ସାମ୍ବାଦିକ ସଂଘର ଉପଦେଷ୍ଟାଙ୍କ ପରଲୋକ

ଏରସମା,୩।୬(ସ୍ୱ.ପ୍ର.): ଏରସମା ସାମ୍ବାଦିକ ସଂଘର ଉପଦେଷ୍ଟା ସୁଶୀଳ କୁମାର ମହାନ୍ତିଙ୍କର ଶନିବାର ପୂର୍ବାହ୍ନ ୯ଟାରେ ପରଲୋକ ଘଟିଛି। ତାଙ୍କ ପରଲୋକରେ ଏରସମା ତଥା ସମଗ୍ର ଜଗତ୍‌ସିଂହପୁର ଜିଲାରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୬୭ ବର୍ଷ ବୟସ ହୋଇଥିଲା। ସେ ଦୀର୍ଘ ୩୫ ବର୍ଷ ଧରି ଏରସମା ବ୍ଲକରେ ଖବରଦାତା ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କ ମୃତ୍ୟୁକୁ ନେଇ ଏରସମା ସାମ୍ବାଦିକ ସଂଘର ସଭାପତି ଦୀପ୍ତି ଖଣ୍ଡୁଆଳ, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରଜିତ ଦାସ, ଉପସଭାପତି ଅରୁଣ ବେହେରା, ସମ୍ପାଦକ ସ୍ମୃତିରଞ୍ଜନ ମହନ୍ତି, ସହସମ୍ପାଦକ ମନୋଜ କୁମାର ସାହୁ, ସଙ୍ଗଠନ ସମ୍ପାଦକ ପ୍ରଫୁଲ୍ଲ ଦାସ, ରମାକାନ୍ତ ଦାସ, କୋଷାଧ୍ୟକ୍ଷ ନରେଶ ସ୍ୱାଇଁ ଶୋକବ୍ୟକ୍ତ କରିଛନ୍ତି। ଏଥିସହ ବାଲିକୁଦା-ଏରସମା ବିଧାୟକ ରଘୁନନ୍ଦନ ଦାସ, ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ କୁମାର ମୁଦୁଲି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ କବି ପୀତାମ୍ବର ତରାଇ, କାଳିଆ ଯୋଜନାର ଉପଦେଷ୍ଟା ସାରଦା ପ୍ରସନ୍ନ ଜେନା, ବିଜେଡି ଏରସମା ବ୍ଲକ ସଭାପତି ପୀତବାସ ଗୋଛାୟତ, ଯୁବନେତା ପାର୍ଥ ସାରଥି ରାଉତ, ଭାଜପା ଓବିସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ନୃସିଂହ ସାହୁ, ଶିବବ୍ରତ ଦାସ, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ଜାନକାଦେଇପୁର ସରପଞ୍ଚ ଜିତେନ୍ଦ୍ର ବେହେରା ଶୋକ ପ୍ରକାଶ କରିଛନ୍ତି।

# ଖନନ ପାଇଁ ୧୨ ବର୍ଷରେ ୧୦.୫୫ କୋଟି ଖର୍ଚ୍ଚ

ପଟ୍ଟାମୁଣ୍ଡାଇ,୩।୬(ସ୍ୱ.ପ୍ର.)


ଗୋବରୀନଦୀ ଖୋଳା ଯାଉଥିବାର ଦୃଶ୍ୟ। (ଫାଇଲ୍ ଫଟୋ)।



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କରାଯାଇଥିବା ଶିଳାନ୍ୟାସ।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳ ଦେଇ ପ୍ରବାହିତ ହେଉଥିବା ଚିରସ୍ରୋତା ଗୋବରୀ ନଦୀ କ୍ରମଶଃ ପୋତି ହୋଇପଡୁଛି। ଏହି ନଦୀକୁ ପୁନରୁଦ୍ଧାର ପାଇଁ ପଟ୍ଟାମୁଣ୍ଡାଇ ଓ କେନ୍ଦ୍ରାପଡ଼ା ବ୍ଲକର ଅଧିବାସୀମାନେ ବାରମ୍ବାର ଦାବି କରିଆସୁଛନ୍ତି। ଲୋକଙ୍କ ଦାବିକୁ ଗୁରୁତ୍ୱ ଦେଇ ପୋତି ହୋଇପଡ଼ିଥିବା ଗୋବରୀ ନଦୀର ପୁନରୁଦ୍ଧାର ପାଇଁ ୨୦୧୦ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପଟ୍ଟାମୁଣ୍ଡାଇ ଏମ.ଏନ. ହାଇସ୍କୁଲ ନିକଟରେ ୩ କୋଟି ଟଙ୍କା ବ୍ୟୟ ଅଟକଳରେ ଶିଳାନ୍ୟାସ କରିଥିଲେ। ୧୬ କି.ମି. ବ୍ୟାପୀ ଗୋବରୀ ନଦୀ ପୁନରୁଦ୍ଧାର ପାଇଁ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା। ହେଲେ ସମ୍ପୃକ୍ତ ଠିକାଦାର ଅଧାରୁ କାମ ଛାଡ଼ି ଚାଲି ଯାଇଥିଲେ। ଏହି କାମ ପାଇଁ ୩ କୋଟି ଟଙ୍କା ବିଲ୍ ହୋଇଥିବା କେନ୍ଦ୍ରାପଡ଼ା ଡ୍ରେନେଜକଟ କନିଷ୍ଠଯନ୍ତ୍ରୀ ନୀହାର ରଞ୍ଜନ ରାଉତରାୟ କହିଛନ୍ତି। ଖନନ କାର୍ଯ୍ୟ ଅଧାରୁ ବନ୍ଦ ହେବାରୁ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗୋବରୀ ନଦୀ ଜଳସମ୍ପଦ ବିଭାଗ ଅଧୀନରେ ଥିବାବେଳେ ପଟ୍ଟାମୁଣ୍ଡାଇଠାରେ ଏହାର ସବ୍‌ଡିଭିଜନ କାର୍ଯ୍ୟାଳୟ ରହିଛି। ହେଲେ ରାଜ୍ୟ ସରକାର ଏହାର ଖନନ କାର୍ଯ୍ୟର ତଦାରଖ ପାଇଁ ଡ୍ରେନେଜ କଟ ବିଭାଗକୁ ଦାୟିତ୍ୱ ଅର୍ପଣ କରିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଖନନ କାର୍ଯ୍ୟ କରୁଥିବା ଠିକାଦାର ଗୋବରୀ ନଦୀକୂଳରେ ଜେସିବି ମେସିନ ରଖି ଖନନ କାର୍ଯ୍ୟ ଯେନତେନ ପ୍ରକାର କରି ଚାଲିଯାଇଥିଲେ। ପାଣିର ସ୍ରୋତକୁ ଅଟକାଇବା ପାଇଁ ମଝିରେ ମଝିରେ ନଦୀ ମଧ୍ୟରେ ଆଡ଼ି ବନ୍ଧ ନିର୍ମାଣ କରିଥିଲେ। ଫଳରେ ନଦୀ ଜଳସ୍ରୋତ ବାଧା ପାଇବା ଓ ଏଥିରେ କଟକୀ ଦଳ ଭର୍ତ୍ତି ହୋଇ ରହିବା କାରଣରୁ ଓଲଟି ସମ୍ପୂର୍ଣ୍ଣ ନଦୀଟି ପୂର୍ବାପେକ୍ଷା ଅଧିକ ପୋତି ହୋଇପଡ଼ିଥିଲା। ଦୀର୍ଘବର୍ଷ ବ୍ୟବଧାନ ପରେ ବାରମ୍ବାର ଲୋକମାନଙ୍କ ଦାବି କାରଣରୁ ରାଜ୍ୟ ସରକାର ପୁଣି ୧୬ କି.ମି ବ୍ୟାପୀ ଗୋବରୀ ନଦୀର ଖନନ ପାଇଁ ଡ୍ରେନେଜକଟ୍ ବିଭାଗକୁ ଦାୟିତ୍ୱ ଦେଇଥିଲେ। ଡ୍ରେନେଜ କଟ୍ ବିଭାଗ ପକ୍ଷରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୭.୫୫ କୋଟି ଟଙ୍କା ବ୍ୟୟ ଅଟକଳରେ ଗୋବରୀ ନଦୀ ଖନନ କରାଯିବା କାର୍ଯ୍ୟକୁ ଓଡ଼ିଶା କନ୍‌ଷ୍ଟ୍ରକ୍ସନ କମ୍ପାନୀ(ଓସିସି)କୁ ଦାୟିତ୍ୱ ଦିଆଯାଇଥିଲା। ଓସିସି ୧୬ କିମି ନଦୀ ଖନନ କରିବା ପରିବର୍ତ୍ତେ ମାତ୍ର ୬ କିମି ଖନନ କରି କାମ ବନ୍ଦ କରି ଦେଇଥିଲା। ଏବେ ପୁଣି କଟକୀ ଦଳରେ ନଦୀ ଭର୍ତ୍ତି ହୋଇ ପୂର୍ବାପେକ୍ଷା ଅଧିକ ପୋତି ହୋଇପଡିଛି। ଯାହାକୁ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ କେନ୍ଦ୍ରାପଡା ଡ୍ରେନେଜ୍‌କଟ୍ ନିର୍ବାହୀଯନ୍ତ୍ରୀ ବାଙ୍କ ବିହାରୀ ସାମଲଙ୍କୁ ପଚାରିବାରେ ଗୋବରୀ ନଦୀକୁ ପୁନରୁଦ୍ଧାର କରିବାକୁ ଆଉ ଏକ ଟେଣ୍ଡର ଆହ୍ୱାନ କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯିବ। ମାତ୍ର ବର୍ଷାଦିନ ଆରମ୍ଭ ହେବାକୁ ଥିବାବେଳେ କିପରି ନଦୀ ଖନନ କାର୍ଯ୍ୟ ହେବ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୋବରୀ ନଦୀ ଖନନ ହେଲେ ହଜାର ହଜାର ହେକ୍ଟର ଚାଷଜମି ଜଳସେଚିତ ହୋଇପାରିବ ବୋଲି ଚାଷୀମାନେ ଆଶା ବାନ୍ଧିଛନ୍ତି। ଅନ୍ୟପକ୍ଷରେ ୩୦ରୁ ଅଧିକ ପାଟ ନାଳି ମଧ୍ୟ ଦେଇ ଚାଷଜମି ଜଳସେଚିତ ହେବ। ଏଥିସହ ଉଦ୍‌ବୃତ୍ତ ବର୍ଷାଜଳ ସହଜରେ ସମୁଦ୍ରକୁ ନିଷ୍କାସିତ ହୋଇପାରିବ। ପଟ୍ଟାମୁଣ୍ଡାଇ ଏମଏନ ହାଇସ୍କୁଲଠାରୁ ୨୦୧୦ରେ ଆରମ୍ଭ ହୋଇଥିବା ଖନନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଥିବାବେଳେ ପଟ୍ଟାମୁଣ୍ଡାଇ-ବାଙ୍ଗାଳିଦିଆ ବ୍ରାହ୍ମଣୀ ପାଟନାଳିକୁ ସଂଯୋଗ ସ୍ଥଳଠାରୁ ଖନନ କାର୍ଯ୍ୟ ଆରମ୍ଭ କରିବା ପାଇଁ ଅଞ୍ଚଳବାସୀ ଦାବି କରି ଆସୁଛନ୍ତି। ଗୋବରୀ ନଦୀ ପୁନରୁଦ୍ଧାର କରାଗଲେ ଦକ୍ଷିଣଦିଆ, ବେଲତଳ, ତାତନା, ମାଟିଆ, ଅଠରବାଟିଆ, ଆମ୍ଭେର, ନଳଢ଼ିଆ, ଖଡ଼ିଅଣ୍ଟା, ଶିମୁଳିଆ, ନରସିଂହପୁର, ପଛପଡ଼ା, ଡିଆପଡ଼ା, କୁପୁଣୀ, ଗୁଣ୍ଡୁପୁର, ଛେଦରା, ଲୋକନାଥପୁର ପ୍ରଭୃତି ଅଞ୍ଚଳ ସହ କେନ୍ଦ୍ରାପଡ଼ା, ମହାକାଳପଡ଼ା ଅଞ୍ଚଳର ଶତାଧିକ ଗାଁର ଚାଷୀ ଉପକୃତ ହୋଇପାରିବେ। ଅପରପକ୍ଷେ କେନ୍ଦ୍ର ସରକାରଙ୍କ ନଦୀ ସଂଯୋଗୀକରଣ ଯୋଜନାରେ ପୁରୁଣା ଗୋବରୀ ନଦୀକୁ ବ୍ରାହ୍ମଣୀ ସହ ସଂଯୋଗ କରିବାକୁ ପଟ୍ଟାମୁଣ୍ଡାଇର ବୁଦ୍ଧିଜୀବୀମାନେ ଜାତୀୟ ଆଇନ ସେବା ପ୍ରାଧିକରଣ (ନାଲ୍ସା) ନିକଟରେ ଦାବି କରିଛନ୍ତି। ଏହି ଦାବି ପୂରଣ କରାଗଲେ ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା ଓ ମହାକାଳପଡ଼ା ଅଞ୍ଚଳର ଚାଷୀ ଉପକୃତ ହେବେ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

- ଗୋବରୀ ନଦୀ ପୁନରୁଦ୍ଧାରରେ ଆନ୍ତରିକତା ନାହିଁ
- ଖନନ ହେଲେ ହଜାର ହଜାର ଚାଷୀ ଉପକୃତ ହେବେ

## ଟ୍ରେନ ଦୁର୍ଘଟଣାରେ ମୃତକଙ୍କ ପାଇଁ ଦୀପଦାନ



ଟ୍ରେନ ଦୁର୍ଘଟଣରରେ ମୃତାହତଙ୍କ ଆତ୍ମାର ସଦ୍‌ଗତି ପାଇଁ ପିଲାମାନଙ୍କ ପକ୍ଷରୁ ବାହାରିଥିବା ଶୋଭଯାତ୍ରା।

କେନ୍ଦ୍ରାପଡ଼ା ଅଫିସ, ୩।୬

ବାଲେଶ୍ୱର ଜିଲା ବାହାନଗାଠାରେ ଟ୍ରେନ ଦୁର୍ଘଟଣାରେ ୨୮୮ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଛି। ୮ଶହରୁ ଊର୍ଦ୍ଧ୍ୱ ଚିକିତ୍ସିତ ହେଉଛନ୍ତି। ଏହି ଦୁର୍ଘଟଣାରେ ମୃତକଙ୍କ ଆତ୍ମାର ଶାନ୍ତି ପାଇଁ କେନ୍ଦ୍ରାପଡ଼ାରେ ସମୂହ ଦୀପ ଦାନ ହୋଇଛି। ଆଇନଜୀବୀ ସଞ୍ଜୟ କୁମାର ଜେନାଙ୍କ ଆବାହକତ୍ୱରେ ବିଜେଡି ଲିଗାଲ ଫ୍ରଣ୍ଟ ପକ୍ଷରୁ ସହରର ଗରାପୁର କାଳୀମନ୍ଦିର ପରିସରରେ ସମୂହ ଦୀପଦାନ କରାଯାଇଛି। ଏହି ଦୀପଦାନରେ ଲିଗାଲ ଫ୍ରଣ୍ଟର ବହୁ ସଦସ୍ୟ ସାମିଲ ହୋଇଥିଲେ। ସେହିପରି ଗୁଲନଗରସ୍ଥ ସାଇ ନଲେଜ ଟ୍ୟୁଟୋରିଆଲ ପକ୍ଷରୁ ଏକ ମହମବତି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଗୁଲନଗରସ୍ଥ ଦଣ୍ଡାମୁଣ୍ଡ ଛକରୁ ବାହାରି ରାମ ମନ୍ଦିରକୁ ଯାଇଥିଲା। ସେଠାରେ ମୃତକଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା ସହ ଦୀପଦାନ ହୋଇଥିଲା। ଏଥିରେ ତାପସ କୁମାର ପରିଡ଼ା, ଚନ୍ଦନ ତ୍ରିପାଠୀ, ଶୁଭଶ୍ରୀ ପଣ୍ଡା ପ୍ରମୁଖ ସାମିଲ ହୋଇଥିଲେ।

## ମାଟି ଚୋରି ଅଭିଯୋଗ

କୁଜଙ୍ଗ, ୩।୬(ଡି.ଏନ.ଏ.)

କୁଜଙ୍ଗ ଥାନା ଅନ୍ତର୍ଗତ ଜିଲାନାସୀ ପଞ୍ଚାୟତ ତେନ୍ତୁଳିଆ ଖମାର ଗ୍ରାମର ପୂଜାରାଣୀ ଦାସ ଏରସମା ତହସିଲ ଅନ୍ତର୍ଗତ ବିଲପୋଖରିଆପଡ଼ା ଗାଁରେ ଏକ ଜମି କିଣିଥିଲେ। ଯାହାର ଖାତା ନଂ. ୨୫୩/୩୮୬, ପ୍ଲଟ୍ ନଂ. ୭୭୭ ଓ ୭୭୮। ପୂଜାରାଣୀଙ୍କ ଘରଠାରୁ ଉକ୍ତ ଜମିର ଦୂରତା ୧୫ କିମି ହୋଇଥିଲା ବେଳେ ବିଲପୋଖରିଆପଡ଼ା ଗ୍ରାମର ଜଣେ ବ୍ୟକ୍ତି ମେ ୨୬ ତାରିଖ ରାତିରେ ଜେସିବି ଓ ଟ୍ରାକ୍ଟର ଯୋଗେ ଉକ୍ତ ଜମିରୁ ମାଟି ଖୋଳି ବିକ୍ରି କରି ଦେଇଛନ୍ତି। ପୂଜାରାଣୀଙ୍କ ସ୍ୱାମୀ କିଶୋର ଖବରପାଇ ଘଟଣାସ୍ଥଳରେ ପହଞ୍ଚି ମାଟି ଖୋଳି ନେଉଥିବା ବ୍ୟକ୍ତିଙ୍କୁ ଘଟଣା ସମ୍ପର୍କରେ ପଚାରିବାରେ ସେମାନେ ଖରାପ ଭାଷାରେ ଗାଳି ଗୁଲଜ କରିଥିଲେ। ଏପରିକି ଉକ୍ତ ବ୍ୟକ୍ତିଙ୍କ ୨ ପୁଅ କିଶୋରଙ୍କୁ ଖଣ୍ଡାଧରି ହାଣିବାକୁ ଗୋଡ଼ାଇଥିଲେ ବୋଲି କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତଦନ୍ତକାରୀ ଅଧିକାରୀ ଶ୍ରୀକାନ୍ତ ସାହୁଙ୍କୁ ପଚାରିବାରେ ଅଭିଯୋଗ ପାଇବା ପରେ ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଛି। ସମ୍ପୂର୍ଣ୍ଣ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## କାଳବୈଶାଖୀରେ ଗୋଟିଏ ପରିବାର ସର୍ବସ୍ୱାନ୍ତ

ରାଜନଗର,୩।୬(ଡି.ଏନ.ଏ.)

ରାଜନଗର ବ୍ଲକ ସାନବଡଗୋପାଳପୁର ପଞ୍ଚାୟତ ଗୋପାଳପୁର ଗାଁର ପ୍ରକାଶ ଚନ୍ଦ୍ର ସ୍ୱାଇଁଙ୍କ କାଳବୈଶାଖୀରେ ଘରର ଆଜବେଷ୍ଟସ ଉଡାଇ ନେଇଛି। ପ୍ରକାଶ ଏବେ ମୁକ୍ତ ଆକାଶ ତଳେ ପିଲାଛୁଆ ଧରି ପଡି ରହିଛନ୍ତି। ଏ ନେଇ ପ୍ରକାଶ ରାଜନଗର ତହସିଲଦାରଙ୍କୁ ସହାୟତା ପାଇଁ ଲିଖିତ ଭାବେ ଜଣାଇଛନ୍ତି। ପ୍ରକାଶ ରାଜନଗର, ମଦନପୁର ଓ ଆଖପାଖ ଅଞ୍ଚଳରେ ଖବରକାଗଜ ହକର ଭାବେ କାମ କରୁଛନ୍ତି। ବିପନ୍ନ ପରିବାରଙ୍କୁ ସହାୟତା ଦେବା ପାଇଁ ଦାବି ହୋଇଛି।

## ପଟ୍ଟାମୁଣ୍ଡାଇ ନଗର ଭାଜପା ମଣ୍ଡଳର କାର୍ଯ୍ୟକାରିଣୀ ବୈଠକ



ବୈଠକରେ ଯୋଗ ଦେଇଥିବା ଭାଜପାର ନେତା ଓ କର୍ମକର୍ତ୍ତା।

ପଟ୍ଟାମୁଣ୍ଡାଇ,୩।୬(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ନଗର ଭାଜପା ମଣ୍ଡଳ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ନଗର ଭାଜପା ସଭାପତି ବିଶ୍ୱରଞ୍ଜନ ପାତ୍ରଙ୍କ ପୌରହିତ୍ୟରେ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ରାଜନଗର ପୂର୍ବତନ ବିଧାୟକ ବରିଷ୍ଠ ବିଜେପି ନେତା ଡ. ଅଲେଖ କୁମାର ଜେନା ଯୋଗ ଦେଇ ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ ଆଲୋକପାତ କରିବା ସହିତ ମୋ ବୁଥ ସବୁଠୁ ମଜବୁତ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହିତ ଆଗାମୀ ଜୁନ୍ ୨୦ରୁ ୩୦ ରେ ରାଜନଗର ନିର୍ବାଚନମଣ୍ଡଳୀର ୨୮୪ ବୁଥରେ ମୋଦିଙ୍କ ଜନକଲ୍ୟାଣ ଯୋଜନାର ବାର୍ତ୍ତା ପହଞ୍ଚାଇବା ପାଇଁ କର୍ମୀ ଓ କାର୍ଯ୍ୟକର୍ତ୍ତାମାନଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ ପ୍ରାକ୍ତନ ନଗର ସଭାପତି ପଦ୍ମନାଭ ପଣ୍ଡା, ନଗର ମହିଳା ସଭାନେତ୍ରୀ ରଶ୍ମିତା ସାହୁ, ସଂଯୋଜକ ଦିଲୀପ ରାଉତ, ଜ୍ୟୋତିପ୍ରକାଶ ପ୍ରଧାନ, ଜିଲା ଦଳିତ ସମ୍ପାଦକ ଦୀପକ ମଲିକ, ସେକ ମେହେରୁଲ୍ଲା, ଉତ୍ତମ ମଲିକ, ଅଜୟ ଦାସ, ଜ୍ଞାନେନ୍ଦ୍ର ପାତ୍ର, ଦେବାଶିଷ ମଲିକ, ଚନ୍ଦ୍ରଶେଖର ଚୌଧୁରୀ, ରବୀନ୍ଦ୍ର ବାଇ, ଗୋଲକ ମଲିକ, ଚନ୍ଦ୍ରଭାନୁ ରାଉତ, ଅଶୋକ ଗିରି, ମନ୍ମଥ ରାଉତ, ଶରତ ମଲିକ, ଗୟାଧର ମଲିକ, ପ୍ରଦୀପ ସୂତାର, କେଶବ ନାୟକ, ବୃନ୍ଦାବନ ସାହୁ, ଅଜୟ ମଲିକ, ପ୍ରଶାନ୍ତ ମଲିକ, ଗିରିଜା ପ୍ରସାଦ ମଲିକ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀମାନେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

## ମା’ ଜୟଦୁର୍ଗାଙ୍କ ପୀଠରେ ଆମିଷ ଭୋଗ ଲାଗି ହେଲା

ରାଜନଗର, ୩।୬(ଡି.ଏନ୍.ଏ.)

ଡାଙ୍ଗମାଳର ମା’ ଜୟଦୁର୍ଗାଙ୍କ ନିକଟରେ ଶୁକ୍ରବାରଠାରୁ ଆମିଷ (କେବଳ ମାଛ) ଭୋଗ ଲାଗି ହୋଇଛି। ଏହି ପୀଠରେ ପୁରୁଷାନୁକ୍ରମିକ ଭାବେ ମା’ଙ୍କ ନିକଟରେ ଆମିଷ ଭୋଗ ଲାଗି ହେଉଥିଲା। ୨୦୨୦ ଜାନୁୟାରୀ ୨୬ରେ ମା’ଙ୍କୁ ନୂତନ ଭବ୍ୟ ମନ୍ଦିରରେ ସ୍ଥାପନ କରାଯାଇଥିଲା। ସେହିଦିନଠାରୁ ମା’ଙ୍କ ନିକଟରେ ଆମିଷ ଭୋଗ ହେଉ ନ ଥିଲା। ୮ଦିନ ତଳେ ମା’ ଜୟଦୁର୍ଗା ପରିଚାଳନା କମିଟି ବୈଠକରେ ୯୫ ପ୍ରତିଶତ ସଦସ୍ୟ ଓ ଅଞ୍ଚଳବାସୀ ମା’ଙ୍କ ନିକଟରେ ଆମିଷ ଭୋଗ କରିବା ସପକ୍ଷରେ ମତ ରଖିଥିଲେ। କମିଟି ଓ ଅଞ୍ଚଳବାସୀଙ୍କ ନିଷ୍ପତ୍ତି ଅନୁଯାୟୀ ପରିଚାଳନା କମିଟି ପକ୍ଷରୁ ମା’ଙ୍କ ନିକଟରେ ମାଛ ଭୋଗ ଲାଗି କରାଯାଇଥିଲା। କମିଟିର ସଦସ୍ୟ, ଅଞ୍ଚଳବାସୀ ଓ ଶ୍ରଦ୍ଧାଳୁ ପ୍ରାୟ ୨ଶହ ଜଣ ମା’ଙ୍କ ନିକଟରେ ଏହି ପ୍ରସାଦ ସେବନ କରିଛନ୍ତି। ପ୍ରତି ସୋମବାର, ଗୁରୁବାର ଓ ସଂକ୍ରାନ୍ତି ଦିନ ଆମିଷ ଭୋଗ ହେବ ନାହିଁ। ଅନ୍ୟଦିନଗୁଡ଼ିକରେ ଅଞ୍ଚଳବାସୀ, ଶ୍ରଦ୍ଧାଳୁ ଜନ୍ତାଳ କିମ୍ବା ମାନସିକ ପୂରଣ ପାଇଁ ମା’ଙ୍କ ନିକଟରେ ଆମିଷ ଭୋଗ କରିପାରିବେ ବୋଲି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଭିତରକନିକା ଜାତୀୟ ଉଦ୍ୟାନର ପ୍ରବେଶ ପଥ ନିକଟରେ ରହିଛି ମା’ ଜୟଦୁର୍ଗାଙ୍କ ମନ୍ଦିର।

## ୧୧୬ ଗ୍ରାମ ବ୍ରାଉନ ସୁଗାର ଜବତ, ଜଣେ ଗିରଫ

ଜଗତ୍‌ସିଂହପୁର ଅଫିସର, ୩।୬

ଜଗତ୍‌ସିଂହପୁର ଅବକାରୀ ବିଭାଗ ପକ୍ଷରୁ ସ୍ଥାନୀୟ ଆଳିପିଙ୍ଗଳଠାରେ ଚଢାଉ କରାଯାଇ ୧୧୬ ଗ୍ରାମ ବ୍ରାଉନ ସୁଗାର ଜବତ କରାଯାଇଛି। ଯାହାର ଆନୁମାନିକ ମୂଲ୍ୟ ୧୧ ଲକ୍ଷ ୧୬ ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏହା ଉପରେ ପିଆର୍ ମାମଲା ସଂଖ୍ୟା ୨୨/୨୩-୨୪ ରୁଜୁ ସହ ବିଜୟ କୁମାର ବାରିକଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ମୋ’ଘର ପ୍ରଶିକ୍ଷଣ ଶିବିର

ରାଜନଗର,୩।୬(ଡି.ଏନ.ଏ.)

ରାଜ୍ୟ ସରକାର ଗରିବ ଓ ନିମ୍ନମଧ୍ୟବିତ୍ତ ପରିବାର ପାଇଁ ମୋ’ଘର ଯୋଜନା ଆରମ୍ଭ କରିଛନ୍ତି। ଚଳିତ ମାସ ୧୬ରୁ ଏହି ଯୋଜନାରେ ଋଣ ନିମନ୍ତେ ହିତାଧିକାରୀମାନେ ପୋର୍ଟାଲରେ ଆବେଦନ କରିବେ। ନିଜେ କିମ୍ବା ମୋ ସେବା କେନ୍ଦ୍ରରେ ହିତାଧିକାରୀମାନେ ଆବେଦନ କରିବା ସହ ସେମାନଙ୍କ ଡକ୍ୟୁମେଣ୍ଟ ଅପ୍‌ଲୋଡ୍ କରିବେ। ବ୍ଲକ କାର୍ଯ୍ୟାଳୟରେ ହିତାଧିକାରୀଙ୍କ ଡକ୍ୟୁମେଣ୍ଟ ଡାଉନ୍‌ଲୋଡ କରି ତାହାକୁ ତନଖି କରାଯିବ ଏବଂ ବ୍ୟାଙ୍କକୁ ପ୍ରଦାନ କରାଯିବ। ବ୍ୟାଙ୍କ ବ୍ଲକ ପକ୍ଷରୁ ଦିଆଯାଇଥିବା ଡକ୍ୟୁମେଣ୍ଟକୁ ତନଖି କରାଯିବା ପରେ ମୋ’ଘର ଯୋଜନାରେ ହିତାଧିକାରୀଙ୍କୁ ଅର୍ଥ ପ୍ରଦାନ କରାଯିବ। ଆଜି ଏ ନେଇ ରାଜନଗର ବ୍ଲକ ସଭାଗୃହରେ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ରାଜନଗର ବିଡିଓ ସମୀର କୁମାର ବେହେରା, ଏବିଡିଓ ଶ୍ରୀକାନ୍ତ କୁମାର ମହାନ୍ତି ମୋ’ଘର ଯୋଜନାରେ କେଉଁମାନେ ଘର ପାଇବେ, କେଉଁମାନେ ପାଇବେ ନାହିଁ, ଏ ନେଇ କେଉଁ କର୍ମଚାରୀଙ୍କ କି ଦାୟିତ୍ୱ ରହିଛି, ସେ ନେଇ ପ୍ରଶିକ୍ଷଣ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ବ୍ୟାଙ୍କ କର୍ମଚାରୀ, ବ୍ୟାଙ୍କ ମିତ୍ର, ଜିଆରଏସ୍, ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଓଡିଶା ଜୀବିକା ମିଶନର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ବ୍ୟାଙ୍କର କାମ କ’ଣ, ବ୍ୟାଙ୍କ ମିତ୍ର, ଜିଆରଏସ୍ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ କେଉଁ ଦାୟିତ୍ୱ ନିର୍ବାହ କରିବେ, ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାବାଦ୍ କେଉଁମାନେ ମୋ’ଘର ଯୋଜନାରେ ଏହି ଋଣ ପାଇପାରିବେ, ସେ ନେଇ ସ୍ପଷ୍ଟ ଭାବେ ବୁଝାଇ ଦିଆଯାଇଛି। ୭୦ ହଜାର ଟଙ୍କାରୁ କମ୍ ମୂଲ୍ୟର ଇନ୍ଦିରାଆବାସ କିମ୍ବା ବିଜୁ ପକ୍କାଘର ପାଇଥିବା ହିତାଧିକାରୀ ଏହି ଯୋଜନାରେ ଆବେଦନ କରିପାରିବେ ଏବଂ କୌଣସି ପରିବାରର ସମସ୍ତ ସଦସ୍ୟଙ୍କ ମାସିକ ରୋଜଗାର ୨୫ ହଜାର ଟଙ୍କାରୁ କମ୍ ହୋଇଥିଲେ ଏହି ଯୋଜନାରେ ଋଣ ପାଇପାରିବେ।


ଶିବରରେ ଉପସ୍ଥିତ ଅତିଥିମାନେ।

# ଟିପିସିଓଡିଏଲ କାର୍ଯ୍ୟାଳୟକୁ କଂଗ୍ରେସ ଘେରିଲା

ରଘୁନାଥପୁର, ୩।୬(ଡି.ଏନ୍.ଏ.)

ଅଘୋଷିତ ବିଦ୍ୟୁତ୍ କାଟ୍, ଷ୍ଟ୍ରକ୍‌ଚର ସ୍ଥାପନ ଦାବିରେ ଶନିବାର ବ୍ଲକ କଂଗ୍ରେସ ପକ୍ଷରୁ ରଘୁନାଥପୁର ଟିପିସିଓଡିଏଲ କାର୍ଯ୍ୟାଳୟ ଘେରାଉ କରାଯାଇଛି। ଏଥିସହ ଏ ସମ୍ପର୍କରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ୫-ଟି ସଚିବଙ୍କୁ ଏସ୍‌ଡିଓଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। ଯଦି ସମ୍ପୃକ୍ତ ବିଭାଗ ଏଥିପ୍ରତି ଦୃଷ୍ଟି ନ ଦିଏ, ତାହାହେଲେ ସାଧାରଣ ଜନତାଙ୍କ ହିତ ପାଇଁ ରଘୁନାଥପୁର ବ୍ଲକ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ୍ୟ ହେବ ବୋଲି କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ ଚେତାବନୀ ଦେଇଛନ୍ତି। ପୂର୍ବାହ୍ନରେ ବ୍ଲକ କଂଗ୍ରେସ ଉପସଭାପତି ଆର୍ତ୍ତତ୍ରାଣ ପଣ୍ଡାଙ୍କ ନେତୃତ୍ୱରେ କର୍ମୀମାନେ ଟିପିସିଓଡିଏଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାଲିରେ ଯାଇଥିଲେ। ସେଠାରେ ସମ୍ପୃକ୍ତ ବିଭାଗର ଚରମ ଅବହେଳା ଓ ବିଦ୍ୟୁତ୍ ସଞ୍ଚୟ କରି କମ୍ପାନୀକୁ ମୁନାଫା ଦେବା ପାଇଁ ହେଉଥିବା ଉଦ୍ୟମ ସମ୍ପର୍କରେ କଂଗ୍ରେସ ନେତା ମଲ୍ଲିକଙ୍କ ସହ ଅନ୍ୟମାନେ କହିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହ ଓ ଅସହ୍ୟ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବାବେଳେ ବିଭାଗ ପକ୍ଷରୁ ଅଘୋଷିତ ବିଦ୍ୟୁତ୍ କାଟ୍ କରି ଲୋକଙ୍କ ଉପରେ ଦାଉ ସାଧୁଛି। ବିଦ୍ୟୁତ୍ ସରବରାହରେ ସୁପରିଚାଳନା ପାଇଁ ବିଭିନ୍ନ ସ୍ଥାନରେ ଏବି ସୁଇଚ ବସା ଯାଇ ନ ଥିବାରୁ ଗୋଟିଏ ଫଲ୍ଟ ପାଇଁ ୩ଟି ପଞ୍ଚାୟତ ଅନ୍ଧାରରେ ରହୁଛି। ଫଳରେ ଛୋଟପିଲା, ବୃଦ୍ଧାବୃଦ୍ଧ, ରୋଗୀ ଗରମରେ ଆଉଟୁପାଉଟୁ ହେଉଛନ୍ତି। ସରକାରୀ କାର୍ଯ୍ୟାଳୟରେ କାମ କାର୍ଯ୍ୟ ହୋଇପାରୁନି ବୋଲି କର୍ମୀମାନେ ପ୍ରତିବାଦ କରିଥିଲେ। ଏସ୍‌ଡିଓ ବିଶ୍ୱରଞ୍ଜନ ଦେହୁରୀ ପ୍ରତିବାଦ ସ୍ଥଳକୁ ଆସି ଅଭିଯୋଗ ପତ୍ର ଗ୍ରହଣ କରିବା ସହ ଆସନ୍ତା ମଙ୍ଗଳବାର ଜେଇଙ୍କ ଉପସ୍ଥିତିରେ କଂଗ୍ରେସ ପ୍ରତିନିଧି ଦଳଙ୍କୁ ଡାକି ଆଲୋଚନା କରାଯିବା ପାଇଁ ସେ ପ୍ରତିଶ୍ରୁତି ଦେଇଥିଲେ। ଏଥିରେ ଜିଲା ଉପସଭାପତି ସର୍ବେଶ୍ୱର ପଣ୍ଡା, ବସନ୍ତ କୁମାର ଦାଶ, ବିଶ୍ୱଜିତ ମହାନ୍ତି, ମନମୋହନ ଗୋଛାୟତ, ଶ୍ୟାମା ସିଂ, ରବୀନ୍ଦ୍ରନାଥ ସ୍ୱାଇଁ, ବିଷ୍ଣୁ ବିଶ୍ୱାଳ, ହେମନ୍ତ କୁମାର ସାହୁ, ବସନ୍ତ ସ୍ୱାଇଁ, ଅଭୟ କୁମାର ସ୍ୱାଇଁଙ୍କ ସହ ବହୁ କର୍ମୀ ସାମିଲ ହୋଇଥିଲେ।



ପଞ୍ଚାୟତବାସୀଙ୍କ ପକ୍ଷରୁ ଷ୍ଟକଚର ନିର୍ମାଣ ଓ ଅଘୋଷିତ ବିଦ୍ୟୁତ୍ ଘାଟ ବିରୋଧରେ ଏସ୍‌ଡିଓଙ୍କୁ ଭେଟି ଦାବିପତ୍ର ଦିଆଯାଉଛି।

- ଅଘୋଷିତ ବିଦ୍ୟୁତ୍ କାଟ୍, ଷ୍ଟ୍ରକ୍‌ଚର ସ୍ଥାପନ ଦାବି
- ରାଜରାସ୍ତାକୁ ଓହ୍ଲାଇବା ପାଇଁ ଚେତାବନୀ

## ସଂକ୍ଷେପରେ

### ଅମୃତ ସରୋବର ପରିଦର୍ଶନ କଲେ ଜିଲାପାଳ

ନୟାଗଡ଼ ଅଫିସ,୩।୬: ନୟାଗଡ଼ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଶନିବାର ଅପରାହ୍ଣରେ ନୟାଗଡ଼ ବ୍ଲକର ଗଦାଧରପ୍ରସାଦ, ବାଲୁଗାଁ ଓ ଶରଧାପୁର ପଞ୍ଚାୟତର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ସମୀକ୍ଷା କରିଛନ୍ତି । ସୁକଲଗାଡିଆ, କଣ୍ଟାବଣିଆ ଓ ଟୋଲଗାଡିଆରେ ଅମୃତ ସରୋବର କାମ ଦେଖିଥିଲେ । ଠିକଣା ସମୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜିଲାପାଳଙ୍କ ସହ ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଜଳ ବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ସୁଧାକର ଶତପଥୀ, ବିଡିଓ ପଦ୍ମ ଚରଣ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

### ମିଠା ବ୍ୟବସାୟୀଙ୍କ ପରଲୋକ

**ଖଣ୍ଡପଡ଼ା,୩।୬(ସ୍ୱ.ପ୍ର.):** ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଲକ୍ଷ୍ମୀ ବଜାରର ବିଶିଷ୍ଟ ରାମଲୀଳା କଳାକାର ତଥା ମିଠା ବ୍ୟବସାୟୀ



ବୈଦ୍ୟନାଥ ସାହୁ(୮୦) ଙ୍କ ଶନିବାର ପରଲୋକ ହୋଇଯାଇଛି । ଗତ କିଛି ମାସ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇବା ସହ ସମସ୍ତ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଛି। ସ୍ଥାନୀୟ ଶ୍ମଶାନରେ ତାଙ୍କ ଶେଷ କୃତ୍ୟ ସମ୍ପନ୍ନ ହୋଇଛି । ଏକ ମାତ୍ର ପୁଅ ମାନସ ସାହୁ ମୁଖାଗ୍ନି ଦେଇଥିଲେ । ସ୍ୱର୍ଗତ ସାହୁ ଜଣେ କଳାକାର ଭାବେ ବିଭିନ୍ନ ମହଲରେ ବେଶ ପରିଚିତ ଥିଲେ । ସୂଚନାଯୋଗ୍ୟ, ସେ ରାମଲୀଳାରେ ସୁର୍ପଣଖା ଭୂମିକାରେ ଅଭିନୟ କରିଥିଲେ ।

### ଦଣ୍ଡ ପ୍ରଣାମରେ ପୁରୀ ଯାଉଛନ୍ତି ଭକ୍ତ

**ନୟାଗଡ଼ ଅଫିସ,୩।୬:** ରାଜସ୍ଥାନରୁ ଜଗନ୍ନାଥ ଧାମ ପୁରୀ ଅଭିମୁଖେ ଦଣ୍ଡ



ପ୍ରଣାମ କରି କରି ଯାଉଛନ୍ତି ରାଜସ୍ଥାନର ବିଜୟ ଗୁଜ୍ଜର। ସେ ଶନିବାର ନୟାଗଡ଼ରେ ପହଞ୍ଚିବା ପରେ ବିଶ୍ରାମ ନେଇଛନ୍ତି। ଇତିମଧ୍ୟରେ ସେ ୧୬୪୦କିଲୋମିଟର ଅତିକ୍ରମ କରିସାରିଛନ୍ତି। ବିଜୟଙ୍କ ସହ ତାଙ୍କ ୨ ଭାଇ ଅଛନ୍ତି । ରଥଯାତ୍ରା ପୂର୍ବରୁ ସେ ପୁରୀରେ ପହଞ୍ଚିବା ଲକ୍ଷ୍ୟ ରଖିଛନ୍ତି।

### ଗୋଡିପଡ଼ାରେ ଯଜ୍ଞ

**ନୟାଗଡ଼ ଅଫିସ,୩।୬:** ଗୋଡିପଡା ବଡଦେଶ ଯଜ୍ଞାନୁଷ୍ଠାନ ଗୃହରେ ୩ ଦିନ ଧରି ବିଶ୍ୱ ଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ୧୧ଜଣ ବ୍ରାହ୍ମଣ ଯୋଗ ଦେଇ ଯଜ୍ଞ କରାଇଥିଲେ । ଗାଁ ସଭାପତି ପଦ୍ମନାଭ ପୃଷ୍ଟି ଓ ଆବାହକ ଅନ୍ତର୍ଯ୍ୟାମୀ ସାହୁ ଯଜ୍ଞ ପରିଚାଳନା କରିଥିଲେ ।

# ନବଜାତ ଶିଶୁ ୱାର୍ଡ ଭିତରେ ବାଉଁଶ

- ବର୍ଷା ହେଲେ ମା'ଶିଶୁଙ୍କ ଉପରେ ପଡୁଛି ବର୍ଷାଜଳ
- ଝରକା ଖୋଲା ଯୋଗୁ ଏସି ଲାଗି ପାରୁନି
- ୩ମାସ ହେଲା ରଙ୍ଗ ଓ ବିଦ୍ୟୁତ୍ କାମ ଶେଷ

ନୟାଗଡ଼ ଅଫିସ,୩।୬

ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ମାତୃ ଓ ଶିଶୁ ଚିକିତ୍ସାଳୟର ନବଜାତ ଶିଶୁଙ୍କ ୱାର୍ଡର ଝରକା ଦେଇ ବାଉଁଶ ରହିଥିବାରୁ ମା ଓ ଶିଶୁ ଅଭିଶପ୍ତ ଜୀବନଯାପନ କରୁଛନ୍ତି । ବର୍ଷା ହେଲେ ବର୍ଷା ଜଳ ବାଉଁଶ ଦେଇ ବେଡ୍‌ରେ ପଡୁଛି। ଗ୍ରୀଷ୍ମର ପ୍ରକୋପ ବଢ଼ି ଚାଲିଥିବାବେଳେ ନବଜାତ ଶିଶୁ ୱାର୍ଡରେ ଏସି ଲାଗି ପାରୁନି। ଝରକା ଖୋଲା ରହୁଥିବାରୁ ଏସି ଲଗା ଯାଇ ପାରୁନି । ମାତୃ ଓ ଶିଶୁ ଚିକିତ୍ସାଳୟାରେ ରଙ୍ଗ ଓ ବିଦ୍ୟୁତ୍ କାମ ପାଇଁ ବାଉଁଶ ପୋତି କାମ କରାଯାଉଥିଲା । ୩ ମାସ ହେଲା କାମ ଶେଷ ହୋଇଥିଲେ ମଧ୍ୟ ଜେନେରାଲ ଇଲେକ୍ଟ୍ରିକାଲ ଡିପାର୍ଟମେଣ୍ଟ (ଜିଇଡି) ବାଉଁଶ ଖୋଲୁ ନାହିଁ । ବାଉଁଶ ନ ଖୋଲିବାରୁ ମାତୃ ଓ ଶିଶୁ ଚିକିତ୍ସାଳୟରେ ଅବ୍ୟବସ୍ଥା ବଢ଼ି ଚାଲିଥିବାରୁ ବିଭିନ୍ନ ସମୟରେ ସିଡିଏମଓ ଜିଇଡିକୁ ଅବଗତ କରାଇଛନ୍ତି । ଏପରି କି ବାଉଁଶ ଖୋଲିବାକୁ ବାରମ୍ବାର ଅବଗତ କରାଇଛନ୍ତି । ହେଲେ ଜିଇଡି ପକ୍ଷରୁ ଖୋଲାଯିବ ଦର୍ଶାଯାଇ ବାଉଁଶ ଖୋଲିବାରେ ସମୟ ଗଡ଼ି ଚାଲିଛି । ଏନେଇ ଭାପୁରର ହେମଲତା ପ୍ରଧାନ କୁହନ୍ତି, ମୋର ଜଣେ ସମ୍ପର୍କୀୟଙ୍କ ମାତୃ ଓ ଶିଶୁ ଚିକିତ୍ସାଳୟରେ ଝିଅଟିଏ ହୋଇଛି । ତେବେ ନବଜାତ ଶିଶୁ ୱାର୍ଡରେ ବାଉଁଶ ଥିବା କାରଣରୁ ମା ଓ ଶିଶୁ ଗୁଳୁଗୁଳିରେ ସିଝୁଛନ୍ତି । ବର୍ଷା ହେଲେ ବର୍ଷା ପାଣି ବେଡ୍ ଉପରେ ପଡୁଛି । ବାଉଁଶ କଢ଼ାଯିବା ନେଇ ରୋଗୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଅଭିଯୋଗ କରାଯାଇଥିଲେ ମଧ୍ୟ ସୁଫଳ ମିଳୁନି । ଦଶପଲ୍ଲାର ମାଧବୀ ନାୟକ କୁହନ୍ତି, ବାଉଁଶ ଯୋଗୁ ମା ଓ ଶିଶୁ କିଭଳି ଅଭିଶପ୍ତ ଜୀବନଯାପନ କରୁଛନ୍ତି ଅନୁଭବୀ ହିଁ କହିପାରିବ । ରଙ୍ଗ ଓ ବିଦ୍ୟୁତ୍ କାମ ଶେଷ ପରେ ପୋତା ଯାଇଥିବା ବାଉଁଶ ମାତୃ ଓ ଶିଶୁ ଚିକିତ୍ସାଳୟରୁ ହଟା ଯାଉ ନାହିଁ ତାର କାରଣ ଖୋଜା ଯାଉନି। ୩ମାସ ଧରି ବେଡ୍ ଉପରେ ବାଉଁଶ ଝୁଲୁଛି । ସେ ଦିଗରେ ପଦକ୍ଷେପ ନାହିଁ । ଏଥିରୁ ଜଣାପଡୁଛି ସରକାର ଓ ପ୍ରଶାସନ କେତେଦୂର ମା ଓ ଶିଶୁ ପାଇଁ କୁମ୍ଭୀରକାନ୍ଦଣା କାନ୍ଦୁଛନ୍ତି । ଜିଲା ମୁଖ୍ୟ ଚିକିତ୍ସାଳୟରେ ଏପରି ଅବ୍ୟବସ୍ଥା ଶୋଭା ପାଉନି । ସିଡିଏମଓ ଜଦି ପାରୁ ନାହାନ୍ତି ଜିଲାପାଳଙ୍କୁ କାହିଁକି ଅବଗତ କରାଉ ନାହାନ୍ତି । ତୁରନ୍ତ ବାଉଁଶ ହଟାଇବା ଦରକାର ବୋଲି ମାଧବ ଖୋଭର ସହ କହିଛନ୍ତି । ଘଟଣା ସମ୍ପର୍କରେ ଜିଇଡିର ଏସଡିଓ ରାଜେଶ ବେହୁରାଙ୍କ ୯୪୩୯୮ ୩୮୬୭୭ନଂ ଫୋନକୁ ଯୋଗାଯୋଗ କରାଯାଇଥିଲା । ହେଲେ ସେ ଫୋନ ଉଠାଇ ନଥିଲେ । ସିଡିଏମଓ ମକରନ୍ଦ ବେଉରା କୁହନ୍ତି ବାଉଁଶ କାମ ଶେଷ ହୋଇ ଯାଇଥିବାରୁ ଏହାକୁ ତୁରନ୍ତ ହଟାଇବାକୁ କୁହାଯାଇଛି । ହେଲେ ଜିଇଡି ଓ ଆନୁସଙ୍ଗିକ ବିଭାଗ ବାଉଁଶ ହଟାଉ ନାହାନ୍ତି। ଏଣୁ ରୋଗୀ ହଇରାଣ ହେଉଥିଲେ ମଧ୍ୟ କିଛି କରି ହେଉ ନାହିଁ ବୋଲି କହିଛନ୍ତି ।



ନବଜାତ ଶିଶୁ ୱାର୍ଡ ଝରକା ଭିତରେ ପଶି ରହିଥିବା ବାଉଁଶ ।

# ଗଣିଆ ତହସିଲଦାରଙ୍କ ନାଁରେ ମାମଲା

### ବିଳାସିନୀଙ୍କ ଘର ଉଚ୍ଛେଦ ଘଟଣା

ନୟାଗଡ଼ ଅଫିସ,୩।୬

ନୟାଗଡ ଜିଲା ଗଣିଆ ତହସିଲଦାର କିଶୋର କୁମାର ପଣ୍ଡାଙ୍କ ନାଁରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଗଣିଆ ଥାନାରେ ମାମଲା ରୁଜୁ ହୋଇଛି । ଗଣିଆ ଥାନା ପୋଲିସ ୨୯୪, ୩୪୧, ୩୨୩, ୩୫୪, ୫୦୬, ୩(୧)(ଆର), ୩(୧)(ଏସ୍), ୩(୨)( ଭିଏ) ଏସସିଏସଟି ପିଓ ଆକ୍ଟ ଦଫାରେ ୬୨/୨୩ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଅଭିଯୋଗ ଅନୁସାରେ ପତଣ୍ଡା ଗାଁର ବିଳାସିନୀ ନାୟକ ଜଣେ ଦଳିତ ଗରୀବ ମହିଳା । ବିଳାସିନୀଙ୍କ ବାସଡିହ ନ ଥିବାରୁ ୨୫ ବର୍ଷ ହେଲା ସରକାରୀ ଜମିରେ ଘର କରି ରହି ଆସୁଥିଲେ । ଏଣୁ ସ୍ୱାମୀ ବଲ୍ଲବ ନାୟକଙ୍କ ନାଁରେ ୫୦/୦୯ରେ ଜବରଦଖଲ ମାମଲା ହୋଇ ଜରିମାନା ଆଦାୟ ହୋଇଛି । ଗଣିଆ ତହସିଲଦାର ନୋଟିସ୍ ନ ଦେଇ ୧୭।୫।୨୦୨୩ରେ ଜେସିବି ଲଗାଇ ଜବରଦଖଲ ଉଛେଦ କରିଦେଲେ । ଏପରିକି ପାଣି ଟ୍ୟାପ୍ ଭାଙ୍ଗି ଦେଇଥିଲେ । ବାସହରା ପରେ ନିକଟସ୍ଥ ଆମ୍ବ ଗଛମୂଳେ ପ୍ରାୟ ୮ଦିନ ପାଲଟାଣି ବିଳାସିନୀଙ୍କ ପରିବାର ରହିଥିଲେ । ଏପ୍ରିଲ ୨୫ରେ ପୁଣି ତହସିଲଦାର ଆସି ପୁଣି କାହିଁକି ଯାଉନ କହି ଗାଳିଗୁଲଜ କରିଥିଲେ । ଜାତିଆଣ ଆକ୍ଷେପ ମଧ୍ୟ କରିଥିଲେ। ପରେ ବିଳାସିନୀ ଓ ସ୍ୱାମୀ ବଲ୍ଲଭଙ୍କୁ ଗାଳିଗୁଲଜ କରି ସେଠାରୁ କାଢ଼ିଦେଲେ। ଘଟଣା ସମ୍ପର୍କରେ ଥାନାରେ ଏତଲା ଦେବା ପରେ ପୋଲିସ ଗ୍ରହଣ କରି ନ ଥିଲା। ଏଣୁ ଅଭିଯୋଗକାରୀ ହାଇକୋର୍ଟରେ ଦ୍ୱାରସ୍ଥ ହୋଇ ନ୍ୟାୟ ମାଗିଥିଲେ । ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଥାନାରେ ମାମଲା ରୁଜୁହୋଇଛି ।

# ଟ୍ରେନ ଟ୍ରାଜେଡି: ରଣପୁରରେ ସମୂହ ଦୀପଦାନ



ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦୀପଦାନ କରାଯାଉଛି ।

ରଣପୁର,୩।୫ (ସ୍ୱ.ପ୍ର.)

ବାଲେଶ୍ୱର ଜିଲା ବାହାନଗାରେ ଶୁକ୍ରବାର ସନ୍ଧ୍ୟାରେ ହୋଇଥିବା ଭୟଙ୍କର ଟ୍ରେନ ଦୁର୍ଘଟଣାରେ ମୃତ୍ୟୁସଂଖ୍ୟା ୨୮୮କୁ ବୃଦ୍ଧି ପାଇଥିବା ବେଳେ ୧୦୦୦ରୁ ଅଧିକ ଆହତ ହୋଇଛନ୍ତି । ଏହି ଦୁର୍ଘଟଣାର ଖବର ଚାରିଆଡେ ପ୍ରସାରିତ ହେବା ପରେ ସବୁଆଡେ ଦୁଃଖର ଛାୟା ଖେଳି ଯାଇଛି । ନୟାଗଡ ଜିଲା ରଣପୁର ଅଞ୍ଚଳର ଲୋକମାନେ ମଧ୍ୟ ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିଛନ୍ତି । ସନ୍ଧ୍ୟାରେ ରଣପୁର ପ୍ରେସ କ୍ଲବ, ଜଗନ୍ନାଥ ସେନା, ବୁଦ୍ଧିଜୀବୀ, ରଥ କାରିଗର ଓ ଜନସାଧାରଣ ମୃତ ବ୍ୟକ୍ତିଙ୍କ ଅମର ଆତ୍ମାର ସଦଗତି ଏବଂ ଆହତ ବ୍ୟକ୍ତିଙ୍କ ଆଶୁ ଆରୋଗ୍ୟ ନିମନ୍ତେ ରଣପୁର ଜଗନ୍ନାଥ ମନ୍ଦିରରେ ସମୂହ ଦୀପ ଦାନ କରିଛନ୍ତି । ସେହିପରି ନରସିଂହପୁର କ୍ଲଷ୍ଟର ଶିକ୍ଷୟିତ୍ରୀ,ଶିକ୍ଷକମାନେ ମଧ୍ୟ ନୀରବ ପାର୍ଥନା କରି ମୃତକଙ୍କ ଅମର ଆତ୍ମାର ସଦଗତି କାମନା କରିଛନ୍ତି । ରଘୁଦିବାକର ମଣ୍ଡପରେ ସ୍ଥାନୀୟ ଜନସାଧାରଣ ମହମବତୀ ଓ ଦୀପ ଜଳାଇ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

### ଜିଲା ବିଜେଡି କାର୍ଯ୍ୟକାରିଣୀ ସଦସ୍ୟ ହେଲେ ଅଶୋକ ମହାଙ୍କୁଡ

ପୁରୁଷୋତ୍ତମପୁର,୩।୬(ଡି.ଏନ.ଏ.)

ଆସନ୍ତା ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଞ୍ଜାମ ଜିଲା ବିଜେଡିର ସାଙ୍ଗଠନିକ ପ୍ରକ୍ରିୟାକୁ ସୁଦୃଢ଼ ଲାଗି ଜିଲାସ୍ତରରେ ଏକ ଟିମ ଗଠନ କରିଛନ୍ତି। ପୁରୁଷୋତ୍ତମପୁର ଏନଏସିର କାଉନସିଲର ଅଶୋକ କୁମାର ମହାଙ୍କୁଡଙ୍କୁ ଗଞ୍ଜାମ ଜିଲା ବିଜେଡିର କାର୍ଯ୍ୟକାରିଣୀ ସଦସ୍ୟ ଭାବେ ମନୋନୀତ କରିଛନ୍ତି। ପୂର୍ବରୁ ମଧ୍ୟ ସେ ଜିଲା ସମ୍ପାଦକ ରହିଥିବା ବେଳେ ତାରାତାରିଣୀ କଲେଜର ସଭାପତି ରହିଥିଲେ । ତାଙ୍କ ପତ୍ନୀ ପ୍ରିୟଙ୍କା ଗୌଡ ଏନ୍‌ଏସି ଅଧକ୍ଷା ରହିଛନ୍ତି। ଏହାକୁ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ସମେତ ରାଜ୍ୟ ସମ୍ପାଦକ ମାନସ ରଞ୍ଜନ ମଙ୍ଗରାଜ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଜିଲା ବିଜେଡି ସଭାପତି ଡ଼ା. ରମେଶ ଚନ୍ଦ୍ର ଚ୍ୟାପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# 'ମୋ ଘର' ପାଇଁ ସଚେତନତା କର୍ମଶାଳା




ମୋ ଘର ସମ୍ପର୍କିତ କର୍ମଶାଳାରେ ପ୍ରଶାସନିକ ଅଧିକାରୀମାନେ ଆଲୋଚନା କରୁଛନ୍ତି ।

ନୂଆଗାଁ,୩।୬(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ସଭାଗୃହରେ ଶନିବାର ସରକାରଙ୍କ ନୂଆ ଯୋଜନା ମୋ ଘର ସମ୍ପର୍କିତ କର୍ମଶାଳା ତଥା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରୁଛନ୍ତି। ସେହିପରି ଗରିବ ଲୋକମାନଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ସରକାର ମୋ ଘର ଯୋଜନାର ଶୁଭାରମ୍ଭ କରିଛନ୍ତି । ତେଣୁ ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ନିର୍ଦ୍ଦେଶ ଅନୁସାରେ ସରକାରଙ୍କ ମୋ ଘର ଯୋଜନା ସମ୍ପର୍କିତ କର୍ମଶାଳା ତଥା ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଯୋଜନାର ସଫଳ ରୂପାୟନ ହେବା ସହ କିଭଳି ପ୍ରକୃତ ହିତାଧିକାରୀ ଉପକୃତ ହୋଇ ପାରିବେ ସେଥିପ୍ରତି ବ୍ଲକ ଅଧିକାରୀ, ରାଜସ୍ୱ ଅଧିକାରୀ ଓ ଅନ୍ୟମାନଙ୍କ କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ବିଷୟରେ ଆଲୋଚନା କରାଯାଇଥିଲା । ଏହି ଯୋଜନାରେ ମୋ ଘର ପାଇଁ ଆବେଦନ କରୁଥିବା ପ୍ରତ୍ୟେକ ହିତାଧିକାରୀଙ୍କୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ ସାହାର୍ଯ୍ୟ ସହଯୋଗ ପ୍ରଦାନ ପୂର୍ବକ ବ୍ୟାଙ୍କ ଋଣ ମଞ୍ଜୁର କରିବା ଦିଗରେ ବ୍ଲକ ଓ ତହସିଲର ଭୂମିକା ଉପରେ ନୂଆଗାଁ ବିଡିଓ ସଚ୍ଚିଦାନନ୍ଦ ମିଶ୍ର ଆଲୋକପାତ କରିଥିଲେ । ଏହି ଯୋଜନାରେ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ବ୍ୟକ୍ତି ଆସନ୍ତା ୧୬ ତାରିଖଠାରୁ ରାଜ୍ୟ ସରକାରଙ୍କ ୱେବ ସାଇଡ୍ ମାଧ୍ୟମରେ ଆବେଦନ କରିପାରିବେ ବୋଲି ଏବିଡିଓ ସ୍ୱଦେଶ ରଞ୍ଜନ ଶତପଥୀ ସୂଚନା ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ନୂଆଗାଁ ବିଡିଓ ମିଶ୍ରଙ୍କ ସମେତ ଏବିଡିଓ ଶତପଥୀ, ନୂଆଗାଁ ତହସିଲଦାର ହେମନ୍ତ କୁମାର ନାୟକ, ବ୍ଲକର ସମସ୍ତ ଅଧିକାରୀ, ରାଜସ୍ୱ ନିରୀକ୍ଷକ, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଗ୍ରାମୀଣ ଗୃହ ନିର୍ମାଣ ବିଭାଗର ପ୍ରକଳ୍ପ ସହାୟକ କାର୍ତ୍ତିକ ଦାସ , ପ୍ରକଳ୍ପ ସଂଯୋଜକ ଦେବରାଜ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

# ବଜ୍ରପାତରେ ମହିଳା ମୃତ: ଗଛ ଡାଳ ପଡ଼ି ଭାପୁର-ଖଣ୍ଡପଡ଼ା ରାସ୍ତା ଅବରୋଧ

ଭାପୁର,୩।୬(ଡିଏନଏ)

ଫତେଗଡ ଥାନା ଭାପୁର ବ୍ଲକ ଅନ୍ତର୍ଗତ ବଡସହରା ପଞ୍ଚାୟତ ରାମପଡା ଗ୍ରାମର ଜଣେ ମହିଳାଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ଶନିବାର ଅପରାହ୍ଣ ସାଢ଼େ ୩ଟା ସମୟରେ କାଳବୈଶାଖୀ ପ୍ରବାହରେ ଝଡତୋଫାନ ହୋଇଥିଲା । ଏହି ସମୟରେ ରୁମପଡା ଗ୍ରାମର ନାରାୟଣ ପଲେଇଙ୍କ ସ୍ତ୍ରୀ ମନ୍ଦଦୋରୀ (୫୩) ନିଜ ତୋଟାକୁ ଆମ୍ବ ଗୋଟାଇବା ପାଇଁ ଯାଇଥିଲେ। ବର୍ଷା ହେବାରୁ ଆମ୍ବ ଗଛମୂଳେ ରହିଯାଇଥିଲେ। ବଜ୍ରପାତ ହେବାରୁ ସେଠାରେ ଟଳି ପଡ଼ିଥିଲେ। ବର୍ଷା ପବନ ବନ୍ଦ ପରେ କେତେଜଣ ବାଟୋଇ ସେହି ବାଟରେ ଯିବା ସମୟରେ ତାଙ୍କୁ ଦେଖି ଅନ୍ୟମାନଙ୍କୁ ଡାକିଥିଲେ । ତୁରନ୍ତ ତାଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଫତେଗଡ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ମାମଲା ରୁଜୁ କରିଛି। ସେହିପରି କାଳବୈଶାଖୀ ଯୋଗୁ ଭାପୁର ବଜାର ଠାରୁ ଖଣ୍ଡପଡ଼ା ରାସ୍ତା ଧଳାବନ୍ଧ ରାସ୍ତା ଉପରେ ବଡ଼ ଗଛଡାଳ ଭାଙ୍ଗିପଡି ରାସ୍ତା ଅବରୋଧ ହୋଇଥିଲା। ଧଳାବନ୍ଧ ଗ୍ରାମ୍ୟ କମିଟିର ସଭାପତି ବୈକୁଣ୍ଠ ମହାରଣା, ସମ୍ପାଦକ ତ୍ରିଲୋଚନ ମହାରାଣା , ଶରତ କୁମାର ପ୍ରଧାନ, କବିରାଜ ମହାରଣା , ସୌମ୍ୟ ରଞ୍ଜନ ପ୍ରଧାନ ସମେତ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଗଛ ଡାଳଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ସଫା କରିଥିଲେ।

# 'ମୋ ଘର' ପ୍ରଶିକ୍ଷଣ କର୍ମଶାଳା ହିତାଧିକାରୀଙ୍କୁ ହଇରାଣ ନ କରିବାକୁ ପରାମର୍ଶ

ଭାପୁର,୩।୬(ଡି.ଏନ୍.ଏ.)

ଗ୍ରାମାଞ୍ଚଳରେ କଚ୍ଚା ଘରେ ବସବାସ କରୁଥିବା ପରିବାରବର୍ଗଙ୍କୁ ପକ୍କା ଘର ଯୋଗାଇ ଦେବାକୁ ରାଜ୍ୟ ସରକାର ଗତ ୨୯ତାରିଖରେ 'ମୋ ଘର'ଯୋଜନାର ଘୋଷଣା କରିଛନ୍ତି। ଏଥିରେ ଜନସାଧାରଣ ସବ୍‌ସିଡି ପାଇପାରିବେ । ହିତାଧିକାରୀମାନେ ୧ଲକ୍ଷରୁ ୩ ଲକ୍ଷ ପର୍ଯ୍ୟନ୍ତ ଋଣ ନେଇ ଘର କରିପାରିବେ। ଏହି ପରିପ୍ରେକ୍ଷୀରେ ଶନିବାର ପୂର୍ବାହ୍ଣରେ ଭାପୁର ବ୍ଲକ ସଭାଗୃହରେ ବ୍ଲକସ୍ତରୀୟ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭାପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଣଜିତ୍ କୁମାର ମଲିକଙ୍କ ଅଧକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ନାୟକ, ସରକାରୀ ଯନ୍ତ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶିନୀ, କମ୍ପ୍ୟୁଟର ପ୍ରୋଗ୍ରାମ ଅଫିସର ବିପିନ ବିହାରୀ ସାହୁ ଉପସ୍ଥିତ ରହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭାପୁର ବ୍ଲକର ସମସ୍ତ ପଞ୍ଚାୟତର ପିଇଓ, ଜିଆରଏସ, ସମସ୍ତ ବ୍ୟାଙ୍କର ଅଧିକାରୀ,ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

'ମୋ ଘର' ଯୋଜନା ଆସନ୍ତା ଜୁନ ୧୬ରୁ କାର୍ଯ୍ୟକାରୀ ହେବ। ଆଜିର ଏହି କର୍ମଶାଳାରେ ବ୍ଲକରେ ବସବାସ କରୁଥିବା ଗ୍ରାମାଞ୍ଚଳ ଗରିବ ଓ ନିମ୍ନ ମଧ୍ୟବିତ୍ତ ପରିବାରଙ୍କ ପାଇଁ ଏହି ଯୋଜନାରେ ଉପକୃତ ହେବେ। ଏହି ଯୋଜନାରେ ଋଣ ପାଇବା ପାଇଁ ଇଚ୍ଛୁକ ବ୍ୟକ୍ତି ନିକଟସ୍ଥ ମୋ ସେବା କେନ୍ଦ୍ର, ଜନ ସେବା କେନ୍ଦ୍ର ତଥା ନିଜ ମୋବାଇଲରେ ମଧ୍ୟ ଅନଲାଇନ ମାଧ୍ୟମରେ ଆବେଦନ କରିପାରିବେ। ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରେ ଗରିବ ମଧ୍ୟବିତ୍ତ ଶ୍ରେଣୀର ପରିବାରମାନଙ୍କୁ ଚିହ୍ନଟ କରି ପଟ୍ଟା ପ୍ରଦାନ କରିବା ସହିତ ମୋ ଘର ଯୋଜନାରେ ସାମିଲ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଲିକ ନିର୍ଦ୍ଦେଶ ଦେଇଥିଲେ।

ଓଡଗାଁ,୩।୬ (ସ୍ୱ.ପ୍ର.)

### ମୋ ଘର କର୍ମଶାଳା

ଗ୍ରାମାଞ୍ଚଳର କଚ୍ଚାଘରେ ବସବାସ କରୁଥିବା ପରିବାରବର୍ଗଙ୍କୁ ପକ୍କାଘର ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାର ଗତ ୨୯ ତାରିଖରେ 'ମୋ ଘର' ଯୋଜନାର ଲୋକାର୍ପଣ କରିଥିଲେ। ଏହି କ୍ରମରେ ଶନିବାର ଓଡ଼ଗାଁ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଏକ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଓଡ଼ଗାଁ ବିଡିଓ ସନ୍ତୋଷ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ, ଅତିରିକ୍ତ ବିଡ଼ିଓ କବିତା କୁମାରୀ ପ୍ରଧାନ, ସହକାରୀ ଯନ୍ତ୍ରୀ ସନାତନ ଭୋଳ,ଅରୁନ୍ଧତୀ ପଣ୍ଡା,ବ୍ଲକ ଗ୍ରାମୀଣ ଗୃହ ସଂଯୋଜକ ପଦ୍ମଲୋଚନ ମହାନ୍ତିଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ,ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ,ଗ୍ରାମ ରୋଜଗାର ସେବକମାନେ ପ୍ରଶିକ୍ଷଣ ନେଇଥିଲେ। ଉକ୍ତ କର୍ମଶାଳାରେ ବିଡିଓ ଯୋଜନାର ଲକ୍ଷ୍ୟ ଉଦ୍ଦେଶ୍ୟ ଏବଂ ଏହାର ସଫଳ ରୂପାୟନ ଦିଗରେ କର୍ମଚାରୀମାନଙ୍କୁ ସଚେତନତା କରାଇଥିଲେ। ରାଜ୍ୟ ସରକାରଙ୍କ ଏହି ଅଭିନବ ଯୋଜନା ଦ୍ୱାରା କଚ୍ଚାଘରେ ବସବାସ କରୁଥିବା ପରିବାର ବିଶେଷ ଭାବେ କିପରି ଉପକୃତ ହେବେ ସେଥିପ୍ରତି ଗୁରୁତ୍ୱ ଦିଆଯାଇଥିଲା । ଏହି ଯୋଜାନରେ ଯୋଗ୍ୟତା ମାନଦଣ୍ଡ ପୂରଣ କରୁଥିବା ବ୍ୟକ୍ତି ଆସନ୍ତା ୧୬ ତାରିଖରୁ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ http://rho odisha.gov.in/mo. ghara ମାଧ୍ୟମରେ ଆବେଦନ କରିପାରିବେ ବୋଲି ସୂଚନା ଦିଆଯାଇଥିଲା। ଏହି ଯୋଜନାରେ କଚ୍ଚା ଘରେ କିମ୍ବା ୧ ବଖରା ଛାତ ଘରେ ବସବାସ କରୁଥିବା ପରିବାର ବର୍ଗ ଆବେଦନ କରିପାରିବେ। କୌଣସି ପରିସ୍ଥିତିରେ ଆବେଦନକାରୀଙ୍କୁ ହଇରାଣ ନ କରି ବରଂ ଯୋଜନାରେ ସେମାନଙ୍କୁ ଅଂଶୀଦାର ହେବା ଦିଗରେ ଯତ୍ନବାନ ହେବାକୁ ବିଡିଓ ପରାମର୍ଶ ଦେଇଥିଲେ। ଏହି ଯୋଜନାରେ ହିତାଧିକାରୀ ବ୍ୟାଙ୍କରୁ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ନେଇ ପକ୍କାଘର ନିର୍ମାଣ କରିବାର ବ୍ୟବସ୍ଥା ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ୭୦ ହଜାର ପର୍ଯ୍ୟନ୍ତ ସବ୍‌ସିଡି ଦିଆଯାଉଥିବାବେଳେ ହିତାଧିକାରୀଙ୍କୁ ଅନ୍ୟାନ୍ୟ ଯୋଜନାରୁ ଲାଭାଂଶ ଦେବାର ବ୍ୟବସ୍ଥା କରାଯାଇଛି। ଏହି କର୍ମଶାଳାରେ ୧୮ ଗୋଟି ବ୍ୟାଙ୍କର କର୍ମଚାରୀଙ୍କ ସମେତ ପ୍ରାଣୀ ମିତ୍ର,ମିଶନ ଶକ୍ତି,ବ୍ୟାଙ୍କ ମିତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଓଡଗାଁ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଶନିବାର ଗଛ ପଡି ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗି ପଡିଛି । ଏଥିପାଇଁ ଓଡ଼ଗାଁରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି ।



ବଲାଙ୍ଗୀର-ଖୋର୍ଦ୍ଧା ୫୭ନଂ. ଜାତୀୟ ରାଜପଥରେ ନୟାଗଡ଼ ପୁରୁଣା ସହରର ଜଗନ୍ନାଥଙ୍କ ମନ୍ଦିର ସମ୍ମୁଖରେ ରଥ ନିର୍ମାଣ ଚାଲିଛି । ହେଲେ ସଚେତନତା ନ ଥିବାରୁ ସେଠାରେ ଦୁର୍ଘଟଣା ବଢୁଛି ।



ନୟାଗଡ଼ ଡିଏଫ୍‌ଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜଳଛତ୍ର ଖୋଲିଥିଲା । ଏବେ ତାହା ଏକ ପ୍ରକାର ବନ୍ଦ ଥିବାରୁ ଜଣେ ମହିଳା ଖଜୁରି କୋଳି ବିକ୍ରି କରୁଛନ୍ତି ।

# ବର୍ଷାଋତୁ ଆସୁଛି: ଆଶଙ୍କାରେ ତଟାଞ୍ଚଳବାସୀ

■ ଲୁଣା ବନ୍ଧ ଟପି ଗାଁରେ ଜୁଆର ପାଣି ପଶୁଛି
■ ଜିଓ ଟ୍ୟୁବ୍‌ୱାଲର ବୈଷୟିକ ତଦନ୍ତ ହେଉ

କେନ୍ଦ୍ରାପଡ଼ା ଅଫିସ,୩।୬

ବିଶ୍ୱତାପନ ଯୋଗୁ ସମୁଦ୍ର ଉପରେ ପ୍ରଭାବ ପଡୁଛି। ଏହାର ପ୍ରଭାବରେ ଉତ୍ତାଳ ଜୁଆର ପାଣି ଗ୍ରାମ ମଧ୍ୟକୁ ପଶୁଛି। ଲୁଣାବନ୍ଧ ଟପି ଚାଷବାସକୁ କ୍ଷତି ପହଞ୍ଚାଉଛି। ପ୍ରତିବର୍ଷ ସାମୁଦ୍ରିକ ଝଡ଼ ବର୍ଷା ପରି ପ୍ରାକୃତିକ ବିପତ୍ତି କେନ୍ଦ୍ରାପଡ଼ା ଜିଲାକୁ ରହିଛି। ଅପରପକ୍ଷରେ ସମୁଦ୍ର ଓ ନଦୀ ତଟାଞ୍ଚଳରେ ଚିଙ୍ଗୁଡ଼ି ଘେରି ସ୍ଥାନୀୟ ଅଞ୍ଚଳ ପାଇଁ ବିପତ୍ତି ସାଜିଛି। ସମୁଦ୍ର ଜୁଆରିଆ ସମୟରେ ତଟବର୍ତ୍ତୀ ସ୍ଥାନ ଓ ନଦୀତଟର ସର୍ବୋଚ୍ଚ ସୀମା ଚିହ୍ନଟ ପାଇଁ ହାଇକୋର୍ଟ ପକ୍ଷରୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଥିଲା। ତେବେ ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ ଅଦ୍ୟାବଧି ଆଲୋଚନା ହୋଇନାହିଁ। ସେହିପରି ଜିଓ ଟ୍ୟୁବୱାଲର ସ୍ଥିତି ପରଖା ଯାଉନାହିଁ। ଆଗକୁ ବର୍ଷାଋତୁ ଆସୁଛି। ବନ୍ୟା, ବାତ୍ୟା, ସୁନାମି ପରି ପ୍ରାକୃତିକ ବିପଦର ସମ୍ଭାବନା ଥିବା ତଟାଞ୍ଚଳକୁ ଏକ ବୈଷୟିକ ଟିମ୍ ଦ୍ୱାରା ତଦନ୍ତ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଆରମ୍ଭ ହୋଇଛି।

ସାମାଜିକ କର୍ମୀ ପ୍ରଭାତ କୁମାର ଲେଙ୍କା କହିଛନ୍ତି, ଆଦ୍ରଭୂମି ସୁରକ୍ଷା ସମ୍ପର୍କରେ ହାଇକୋର୍ଟରେ ଏକ ପିଆଇଏଲ ମାମଲାକୁ ଚିଫ ଜଷ୍ଟିସ ଏସ୍. ମୁରଲୀଧର ଓ ଜଷ୍ଟିସ ଆର. କେ. ପଟ୍ଟନାୟକଙ୍କ ଡିଭିଜନ ବେଞ୍ଚ ଶୁଣାଣି କରିଥିଲେ। ଏଥିରେ ସମୁଦ୍ର ତଟକ୍ଷୟ ଓ ସୁରକ୍ଷା ସମ୍ପର୍କରେ ଆମିକସକ୍ୟୁରୀ ମୋହିତ ଅଗ୍ରୱାଲ ଦର୍ଶାଇଥିଲେ ଯେ, ବିଭିନ୍ନ କାରଣ ସହିତ ଚିଙ୍ଗୁଡ଼ି ଘେରି ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଏହି ଘେରି ଯୋଗୁ ତଟାଞ୍ଚଳ ନଷ୍ଟ ହେଉଛି। ଡିଭିଜନ ବେଞ୍ଚର ଶୁଣାଣି ସମୟରେ କେନ୍ଦ୍ରାପଡ଼ା ଜିଲାପାଳ ଦର୍ଶାଇଛନ୍ତି ଯେ, ରାଜକନିକା ବ୍ଲକ ଅଞ୍ଚଳର ଚିହ୍ନଟ ଚିଙ୍ଗୁଡ଼ି ଘେରି ମଧ୍ୟରୁ କିଛି ପରିମାଣରେ ଉଚ୍ଛେଦ ହୋଇଛି। ଅନ୍ୟ ଅଞ୍ଚଳରେ ଘେରି ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଏହାକୁ ଦୃଷ୍ଟିରେ ରଖିଲେ ଜୀବନ ଜୀବିକା ଆଶଙ୍କାରେ ଜିଲାର ୬୪ ସୁନାମିପ୍ରବଣ ଚିହ୍ନଟ ଗ୍ରାମବାସୀ ଅଛନ୍ତି। ଜିଲାର ଥିବା ୭ ନଦୀକୁ ସଂଯୋଗୀକରଣ ସହ ୪୮ କିଲୋମିଟର ତଟାଞ୍ଚଳରେ ଘଞ୍ଚ ହେନ୍ତାଳବଣ ସୃଷ୍ଟି ପାଇଁ ସେ ମତ ଦେଇଛନ୍ତି। ଏ ସମ୍ପର୍କରେ ପେଣ୍ଠର ପ୍ରସନ୍ନ କୁମାର ଦାସ କହିଛନ୍ତି, ଆଗକୁ ବର୍ଷାଋତୁ ଆସୁଛି। ପ୍ରତିବର୍ଷ ପରି ସାମୁଦ୍ରିକ ଝଡ଼ ପ୍ରଭାବ ତଟାଞ୍ଚଳ ଉପରେ ପଡ଼ିବ। ସମୁଦ୍ର ଜୁଆରିଆ ହେଲେ ସ୍ଥାନୀୟ ନଦୀ, ନାଳ ଉଚ୍ଛୁଳି ପଡୁଛି। ଅଧିକ ଜୁଆରିଆରେ ଲୁଣା ବନ୍ଧ ଟପି ଚାଷ


ଜିଓ ଟ୍ୟୁବୱାଲ ତାରଜାଲି ଛିଡ଼ି ପଥରଗୁଡ଼ିକ ସମୁଦ୍ରକୁ ଭାସିଯାଉଛି।

ବାସ ନଷ୍ଟ କରୁଛି। ପେଣ୍ଠଠାରେ ପ୍ରତିବର୍ଷ ସମୁଦ୍ର ୧୨ ମିଟର ଗ୍ରାମ ଆଡ଼କୁ ମାଡ଼ି ଆସୁଥିଲା। ଏହାକୁ ଦୃଷ୍ଟିରେ ରଖାଯାଇ ୫୦୫ ମିଟର ଜିଓ ସିନ୍ଥେଟିକ ଟ୍ୟୁବୱାଲ ନିର୍ମାଣ ହୋଇଥିଲା। ତେବେ ପଥରର ଧାର ଗାବିଅନ ବକ୍ସର ରଶିକୁ ନଷ୍ଟ କରୁଛି। ଫଳରେ ପଥରଗୁଡ଼ିକ ସମୁଦ୍ର ଗର୍ଭକୁ ଚାଲିଯାଉଛି। ସେହିପରି ଏହି ୱାଲ ନିର୍ମାଣରେ ଥିବା ବୈଷୟିକ ତ୍ରୁଟିକୁ ସଂଶୋଧନ କରାଯାଉନାହିଁ। ବର୍ଷାଋତୁ ଆସିଲେ ସ୍ଥାନୀୟ ସୁନାମି ପ୍ରବଣ ଚିହ୍ନଟ ୬୪ଟି ଗ୍ରାମର ଅଧିବାସୀଙ୍କ ଜୀବନଜୀବିକା ଉପରେ ଆଶଙ୍କା ବଢୁଛି। ବଗପାଟିଆର ନିରାକାର ସ୍ୱାଇଁ କହିଛନ୍ତି, ଚିଙ୍ଗୁଡ଼ି ଘେରି ତଟକ୍ଷୟ ରୋକିବାରେ ବାଧକ ହୋଇଛି। ଏହି ଘେରି ପ୍ରଭାବରେ ହଜାର ହଜାର ହେକ୍ଟର ଚାଷ ଜମି ଲୁଣା ମାଡ଼ିବା ସହ ଗଛ ନଷ୍ଟ କରୁଛି। ହାଇକୋର୍ଟ ପକ୍ଷରୁ ବାରମ୍ବାର ସତର୍କ କରାଗଲେ ମଧ ଜିଲା ପ୍ରଶାସନ ଉପରେ ଏହାର ପ୍ରଭାବ ପଡୁନାହିଁ। ନାମକୁମାତ୍ର ହିଡ଼ ଭାଙ୍ଗି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେଲା ବୋଲି ଜିଲା ପ୍ରଶାସନ ଦର୍ଶାଉଛି। ଅଧିକ ଜୁଆରିଆ ସମୟରେ କେତେଦୂର ପର୍ଯ୍ୟନ୍ତ ପାଣି ଯାଉଛି, ତାହା ଚିହ୍ନଟ ପରେ ୧ କିଲୋମିଟର ପରିଧିରେ ଚିଙ୍ଗୁଡ଼ି ଘେରିକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରାଯାଉ। ସାମାଜିକ କର୍ମୀ ମନ୍ମଥ ନାଥ ରାଉତ କହିଛନ୍ତି, ଉପକୂଳ କେନାଲର ଆବଶ୍ୟକତା ଅଛି। ସମୁଦ୍ର ତଟଠାରୁ ୧୦ କିଲୋମିଟର ଦୂରରେ ଏହାକୁ ନିର୍ମାଣ କରାଯାଇ ଜିଲାର ୭ ନଦୀକୁ ଏଥିରେ ସଂଯୋଗ କରାଯାଉ। ଫଳରେ ବନ୍ୟା ନିୟନ୍ତ୍ରଣ ହେବା ସହ ଚାଷ କାର୍ଯ୍ୟ ଓ ତଟାଞ୍ଚଳରେ ହେନ୍ତାଳବଣ ସୃଷ୍ଟି ହୋଇପାରିବ। ସେହିପରି ଚିଙ୍ଗୁଡ଼ି ଘେରି ଉଚ୍ଛେଦ ସହ ସାମଗ୍ରୀ ଜବତ କରି ଚାଷୀଙ୍କ ନାମରେ ମାମଲା ରୁଜୁ କରାଯାଉ ବୋଲି ସେ ଦାବି କରିଛନ୍ତି।

# ଖରିନାସୀ କାଳୀବାଡ଼ିଠାରେ ଚାଷୀ ମେଳି


ଜମିଜମା ରେକର୍ଡକୁ ନେଇ ଖରିନାସୀ ଗ୍ରାମ କାଳୀବାଡ଼ିଠାରେ ଚାଷୀ ମେଳି।

■ ଜମିଜମା ରେକର୍ଡ ସଂଶୋଧନ ପାଇଁ ବୈଠକ ଅନୁଷ୍ଠିତ
■ ଅଞ୍ଚଳରେ ବୃହତ୍ ଶିଳ୍ପ ପ୍ରତିଷ୍ଠା ହେବ

ମହାକାଳପଡ଼ା,୩।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳ ରାମନଗର ବଟିଘର ଓ ଖରିନାସୀ ପଞ୍ଚାୟତର ୫ ଶହରୁ ଅଧିକ ଚାଷୀ କାଳୀବାଡ଼ିଠାରେ ଶନିବାର ମିଳିତ ହୋଇ ବୈଠକ କରିଥିଲେ। ସେମାନେ ନିଜର ଜମିଜମା ରେକର୍ଡ ସଂଶୋଧନ ପାଇଁ ବୈଠକରେ ଆଲୋଚନା କରିଛନ୍ତି। ବୈଠକରେ ୩ ପଞ୍ଚାୟତର ଚାଷୀ ସଭାପତି ନାରାୟଣ ଚନ୍ଦ୍ର ହାଲଦର, ଜିଲା ପରିଷଦ ସଭ୍ୟ ମୁତୁଞ୍ଜୟ ମଣ୍ଡଳ, ବ୍ଲକ ଉପାଧ୍ୟକ୍ଷ ବିଜୟ କୁମାର ଶୁକ୍ଳା, ରାମନଗର ସରପଞ୍ଚ ମିଳନ ଦେବନାଥ, ଖରିନାସୀ ପୂର୍ବତନ ସରପଞ୍ଚ ରଞ୍ଜନ ଦାସ, ଅମରେନ୍ଦ୍ର ସାମଲ, ତୁଷାର ସର୍ଦ୍ଦାର, ଭକ୍ତ ରଞ୍ଜନ ମାହାଳି, ସମୀର ମିସ୍ତ୍ରି, ସୁବାସ ବିଶ୍ୱାସ, ଅର୍ଜୁନ ମଣ୍ଡଳ, ପଶୁପତି ଯାନା, ଜଗନ୍ନାଥ ଗିରି, ରଞ୍ଜିତ ମଜୁମଦାର, ଗୋପୀ ରକ୍ଷିତ, ଶଙ୍କର ହାଲଦାରଙ୍କ ସମେତ ମହିଳାପୁରୁଷ ଉପସ୍ଥିତ ଥିଲେ।

ବୈଠକରେ ୧୯୫୦ ମସିହାରେ ଏହି ଅଞ୍ଚଳର ବହୁ ଶରଣାର୍ଥୀଙ୍କୁ ଓଡ଼ିଶା ସରକାର ରାମନଗର, ଖରିନାସୀଠାରେ ଜଙ୍ଗଲ କାଟି ଥଇଥାନ କରିଥିଲେ। ପରେ ଏହି ଶରଣାର୍ଥୀଙ୍କ ପାଇଁ ଜମି ଜାଗା ପଟ୍ଟା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ପ୍ରଶାସନ ପକ୍ଷରୁ ଏମାନଙ୍କ ଜମିର ପାଉତି କାଟିବା ଉପରେ ରୋକ୍ ଲଗାଯାଇଥିଲା। ତେବେ ଜମିର ପାଉତି କାଟିବା ବନ୍ଦ ହେବା ପରେ ଏହି ଅଞ୍ଚଳର ଚାଷୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଖରିନାସୀ ଅଞ୍ଚଳର କେତେଜଣ ଯୁବକ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ପରେ ନ୍ୟାୟାଳୟ ମାମଲାର ଶୁଣାଣି କରି ଅଞ୍ଚଳର ଜମିଜମା ରେକର୍ଡ ସଂଶୋଧନ କରିବାକୁ ଜିଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ, ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ଏହି ୩ ପଞ୍ଚାୟତର ବରିଷ୍ଠ ଚାଷୀମାନଙ୍କୁ ନେଇ ଜିଲା ସର୍କିଟ ହାଉସଠାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ଚାଷୀମାନେ ତାଙ୍କର ୧୯୫୦ଠାରୁ ଅଦ୍ୟାବଧି ସରକାର ପ୍ରଦାନ କରିଥିବା ସମସ୍ତ ଜମିଜମା ରେକର୍ଡକୁ ଜିଲାପାଳଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଜିଲାପାଳ ଜୁଲାଇ ୧୨ ତାରିଖରେ ଜମିଜମା ରେକର୍ଡକୁ ନେଇ ଶୁଣାଣି କରିବେ ବୋଲି ଚାଷୀମାନେ କହିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ରାଜ୍ୟ ସରକାରଙ୍କୁ ପ୍ରଦାନ କରିବେ। ଜିଲାପାଳ ଏହି ରେକର୍ଡ ଦେଖି ଚକିତ ହୋଇଥିଲେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ପରବର୍ତ୍ତୀ ସମୟରେ ଜିଲାପାଳ ଏମାନଙ୍କ ଜମିଜମା ରେକର୍ଡ ସଂଶୋଧନ ପାଇଁ ସରକାରଙ୍କୁ ପ୍ରସ୍ତାବ ଆଗତ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଖୁବ୍‌ଶୀଘ୍ର ଏହି ସମସ୍ୟା ସମାଧାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି ବୋଲି ଏହି ବୈଠକରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ। ସୂଚନାଯୋଗ୍ୟ, ଏହି ଅଞ୍ଚଳରେ ରାଜ୍ୟ ସରକାର ଏକ ବୃହତ୍ ଶିଳ୍ପ କାରଖାନା ପ୍ରତିଷ୍ଠା ହେବ ବୋଲି ଘୋଷଣା କରିଥିଲେ। ଏହି ଘୋଷଣା ପରେ ଅଞ୍ଚଳର ଅଧିବାସୀମାନେ ସ୍ୱାଗତ କରିଛନ୍ତି ବୋଲି କୁହାଯାଇଛି।

# ଆଗପଛ ହୋଇ ଚାଲିଗଲେ ଦମ୍ପତି

ବ୍ରହ୍ମବରଦା,୩।୬(ଡି.ଏନ.ଏ.):

ଯାଜପୁର ଜିଲା ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ଚାରିଗାରପୁର ଗ୍ରାମରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ଗୋଟିଏ ଦିନରେ ୨ ଘଣ୍ଟା ବ୍ୟବଧାନରେ ଦମ୍ପତିଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି। ଶୁକ୍ରବାର ତାପମାତ୍ରା ୪୦° ଥିଲା। ଫଳରେ ଅସହ୍ୟ ଗୁଳୁଗୁଳି ସହ ଝାଞ୍ଜିପବନ ବହୁଥିଲା। ଏହି ସମୟରେ ଗ୍ରାମର ଉତ୍ତମ ଚରଣ ବେହେରା ନାମକ ବ୍ୟକ୍ତି କୌଣସି କାମରେ ବ୍ରହ୍ମବରଦା ବଜାରକୁ ଆସି ଘରକୁ ଫେରିବା ପରେ ଅସୁସ୍ଥ ହୋଇ ପଡ଼ିଥିଲେ। ସେ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ପଡ଼ୋଶୀଙ୍କ ସହାୟତାରେ ତାଙ୍କୁ କୋଟପୁର ପ୍ରାଥମିକ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। ହେଲେ ମେଡିକାଲ ଯିବା ବାଟରେ ଅପରାହ୍ନ ପ୍ରାୟ ୪ଟାବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଏକଥା ତାଙ୍କ ସ୍ତ୍ରୀ କାଞ୍ଚନବାଳା ବେହେରା(୬୪) ଜାଣିବା ପରେ ଅଧୈର୍ଯ୍ୟ ହୋଇ ପଡ଼ିଥିଲେ। ଫଳରେ ସନ୍ଧ୍ୟାପାୟ ୬ଟାରେ ତାଙ୍କର ମଧ ମୃତ୍ୟୁ ହୋଇ ଯାଇଥିଲା। ଉତ୍ତମ ଉଠାଜଳ ସେଚନ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ ଥିଲେ। ସେ ନିଜ ବାସସ୍ଥାନ କେନ୍ଦ୍ରାପଡ଼ା ଜିଲା ଲକ୍ଷ୍ମୀନାରାୟଣପୁରସ୍ଥିତ ନୂଆହାଟ ଗ୍ରାମ ଛାଡ଼ି କିଛି ବର୍ଷ ହେବ ବ୍ରହ୍ମବରଦା ଚାରିଗାରପୁରଠାରେ ଜାଗା କିଣି ବସବାସ କରିଆସୁଥିଲେ। ତାଙ୍କର ଏକମାତ୍ର ପୁଅ ଶଶିକାନ୍ତ ବେହେରା ବାଙ୍ଗାଲୁରୁରେ ରହି ଏକ କମ୍ପାନୀରେ କାର୍ଯ୍ୟକରନ୍ତି। ସେ ଆସି ପହଞ୍ଚିବାପରେ ଗାଁ ଶ୍ମଶାନରେ ତାଙ୍କ ମା'ବାପାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

# ୨ କ୍ରଶର ମାଲିକ, ଜଣେ ସୁପରଭାଇଜର ଗିରଫ

ଧର୍ମଶାଳା,୩।୬(ଡି.ଏନ.ଏ.):

ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ଚକ୍ରଧରପୁର ବିଛାଖଣ୍ଡି ମୌଜାରେ ଥିବା କ୍ରଶର ମାଲିକମାନେ ବେଆଇନ କଳାପଥର ଗଚ୍ଛିତ ରଖିବା ଅଭିଯୋଗରେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଜରିମାନା କରାଯାଇଥିଲା। ଜରିମାନା ଅର୍ଥ ପଇଠ କରିବାକୁ ନୋଟିସ କରାଯାଇଥିଲା। ମାତ୍ର ସେମାନେ ଜରିମାନା ଅର୍ଥ ପାଇଠ ନ କରିବାରୁ ତହସିଲଦାରଙ୍କ ଅଭିଯୋଗକ୍ରମେ ପୋଲିସ ୨ କ୍ରଶର ମାଲିକ ଓ ଜଣେ ସୁପରଭାଇଜରଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କ୍ରଶର ମାଲିକ କୈଳାସ ଚନ୍ଦ୍ର ରାଉତ, ପାଣ୍ଡବ ମହାନ୍ତି ଓ ସୁପରଭାଇଜର ସୁରେଶ କୁମାର ସାହୁ। ଗତ ଏପ୍ରିଲ୍ ୭ରେ ତହସିଲ ପକ୍ଷରୁ ଜେନାପୁର ଥାନା ଅନ୍ତର୍ଗତ ବିଭିନ୍ନ କ୍ରଶରରେ ଚଢ଼ାଉ କରାଯାଇଥିଲା। କ୍ରଶର ମାଲିକମାନେ ଗଚ୍ଛିତ ଥିବା କଳାପଥର ୱାଇ ଫର୍ମ ଦେଖାଇ ନ ପାରିବାରୁ ସେମାନଙ୍କୁ ଜରିମାନା ଅର୍ଥ ପାଇଠ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କୈଳାସଙ୍କ କ୍ରଶରରେ ୮୦ ହଜାର ଓ ହନୁମାନ ଷ୍ଟୋନ କ୍ରଶର ମାଲିକ ପାଣ୍ଡବଙ୍କ ଉପରେ ୧ ଲକ୍ଷ ଟଙ୍କା ଜରିମାନା କରାଯାଇଥିଲା। ସେମାନେ ୨୯।୫।୨୩ ସୁଦ୍ଧା ଅର୍ଥ ପାଇଠ ନ କରିବାରୁ ତହସିଲ ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ନଂ.୧୩୭/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସେମାନଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଛି ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆନନ୍ଦ


@ ଜିତେନ୍ଦ୍ର


@ ମନୋରଞ୍ଜନ


@ ସୋନୁ


@ ସୁଭକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।




## ବାହାନଗା ଟ୍ରେନ୍ ଦୁର୍ଘଟଣା

(୧) ଟ୍ରେନ୍ ଦୁର୍ଘଟଣାରେ ଗୁରୁତର ହୋଇ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ବ୍ୟକ୍ତିଙ୍କ ଚିକିତ୍ସା ବ୍ୟବସ୍ଥା ବୁଝୁଛନ୍ତି ଜିଲାପାଳ ଓ ଜିଲାମୁଖ୍ୟ ଚିକିତ୍ସାଧିକାରୀ।
(୨) ଜଣେ ଆହତଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝୁଛନ୍ତି ଯାଜପୁର ବିଧାୟକଙ୍କ ପ୍ରତିନିଧି ଭବପ୍ରସାଦ ଦାସ।
(୩) ଭାଜପା ଜିଲା ସଭାପତି ଗୌତମ ରାୟ ଜଣେ ଆହତଙ୍କ ଚିକିତ୍ସା ବିଷୟରେ ପଚାରି ବୁଝୁଛନ୍ତି।







# ଶିକ୍ଷୟିତ୍ରୀଶିକ୍ଷକଙ୍କ ବିଇଓଙ୍କ କାର୍ଯ୍ୟାଳୟ ଘେରାଉ

## କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି ହଡ଼ପ

କୁଜଙ୍ଗ,୩।୬: (ଡି.ଏନ୍.ଏ)

କୁଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀ(ବିଇଓ)ଙ୍କ କାର୍ଯ୍ୟାଳୟର ଆକାଉଣ୍ଟ ସପୋର୍ଟ ଷ୍ଟାଫ୍ ବ୍ଲକ ଗ୍ରାଣ୍ଟ, ଜିଲା ପରିଷଦ ଓ କଳା ଶିକ୍ଷୟିତ୍ରୀଶିକ୍ଷକଙ୍କ ଭବିଷ୍ୟ ନିଧି ପାଣ୍ଠି ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ପଙ୍କପାଳସ୍ଥିତ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା।

୨୦୦୭ରୁ ୨୦୧୫ ମସିହା ପର୍ଯ୍ୟନ୍ତ କର୍ମଚାରୀ ଭବିଷ୍ୟ ନିଧି ପାଣ୍ଠି(ଇପିଏଫ୍)ର ଠିକ୍ ହିସାବ ମିଳି ପାରୁ ନ ଥିବା ଅଭିଯୋଗ ହୋଇଛି। ସେମାନେ କହିଛନ୍ତି, ଆକାଉଣ୍ଟାଣ୍ଟ ଶିକ୍ଷୟିତ୍ରୀଶିକ୍ଷକଙ୍କ ଭବିଷ୍ୟ ନିଧି ପାଣ୍ଠି ଅର୍ଥକୁ ସରକାରୀ ଖାତାକୁ ନ ଦେଇ ସିଧା ସଳଖ ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ବ୍ୟାଙ୍କ୍ ଖାତାକୁ ନେଇ ଯାଇଛନ୍ତି। ଉକ୍ତ ଅର୍ଥର ପରିମାଣ ପାଖାପାଖି ୫୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ଅନୁପସ୍ଥିତିରେ ସହକାରୀ ବ୍ଲକ ଶିକ୍ଷା ଅଧିକାରିଣୀ ସରୋଜିନୀ ଦେବୀ କହିଛନ୍ତି, ଭବିଷ୍ୟ ନିଧି ପାଣ୍ଠି ହଡ଼ପ ହେବା ସମ୍ପର୍କରେ ପଦାକୁ ଆସିଲା ପରେ ବ୍ଲକ ଶିକ୍ଷା ଅଧିକାରୀ ଏ ନେଇ କୁଜଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ତଦନ୍ତ ପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଜୁନ୍ ୩୦ ତାରିଖ ସୁଦ୍ଧା ଯଦି ସମସ୍ୟାର ସମାଧାନ ନ ହେବ ଓ ଦୋଷୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଜୁଲାଇ ୧ ରୁ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ବିଦ୍ୟାଳୟ ପରିତ୍ୟାଗ କରିବେ। ଏ ନେଇ ଜିଲାପାଳ, ଏସ୍‌ପି, ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି ବୋଲି ଶିକ୍ଷକ ନେତା କେଶବ ଚନ୍ଦ୍ର ଦଳାଇ, ପ୍ରଦୀପ୍ତ କୁମାର ରାଉତ, ଶଙ୍କର କାଣ୍ଡି ପ୍ରମୁଖ ପ୍ରକାଶ କରିଛନ୍ତି।



## ସଂକ୍ଷେପରେ

### ଆଜି ପଠାଣି ସାମନ୍ତ ମେଧା ସମ୍ମାନ ପ୍ରଦାନ ଉତ୍ସବ

ଖଣ୍ଡପଡ଼ା,୩।୬(ସ୍ୱ.ପ୍ର.): ଚଳିତ ବର୍ଷ ପ୍ରଥମ କରି ମାଟ୍ରିକ ଓ ଯୁକ୍ତ ୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି ପାସ କରିଥିବା ମେଧାବୀ ଛାତ୍ରୀଛାତ୍ରଙ୍କୁ ଖଣ୍ଡପଡ଼ା ବିକାଶ ମଞ୍ଚ ପକ୍ଷରୁ ପଠାଣି ସାମନ୍ତ ମେଧା ସମ୍ମାନ ପ୍ରଦାନ କରାଯିବ । ରବିବାର ପୂର୍ବାହ୍ନ ୯ଟାରେ ଖଣ୍ଡପଡ଼ା ଶିଳ୍ପ ତାଲିମ ଅନୁଷ୍ଠାନ ପରିସରରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଖଣ୍ଡପଡ଼ା ଓ ଭାପୁର ବ୍ଲକ୍ ଅଞ୍ଚଳର କୃତୀ ଛାତ୍ରୀଛାତ୍ରମାନେ ସେମାନଙ୍କ ଅଭିଭାବକଙ୍କ ସହ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବାକୁ ଅବଗତ କରାଯାଇଛି। ମେଧାବୀ ବିଦ୍ୟାର୍ଥୀମାନଙ୍କୁ ଉତ୍ସାହିତ କରିବାର ଲକ୍ଷ୍ୟ ନେଇ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ସ୍ୱାଭିମାନ ଫାଉଣ୍ଡେଶନର ଅଧ୍ୟକ୍ଷ ଅଭିଳାଷ ପଣ୍ଡା ଏକ ପ୍ରେସ ବିବୃତିରେ ଜଣାଇଛନ୍ତି ।

### ଛାତ୍ରୀଙ୍କୁ ଅସଦାଚରଣ, ଶିକ୍ଷକ ଗିରଫ

ଗଣିଆ,୩।୬(ଡି.ଏନ୍.ଏ.): ନୟାଗଡ଼ ଜିଲା ଗଣିଆ ଥାନା ଅଞ୍ଚଳରେ ଗତ କିଛିଦିନ ତଳେ ଏକ ଘରୋଇ ଶିକ୍ଷାନୁଷ୍ଠାନରେ ଜଣେ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କୁ ପୋଲିସ ଗିରଫ ହୋଇ କୋର୍ଟ ଚାଲାଣ କରିଥିଲା । ଏହି ଘଟଣା ଲୋକଙ୍କ ମନରୁ ନ ଲିଭୁଣୁ ଆଉ ଏକ ଘରୋଇ ଶିକ୍ଷାନୁଷ୍ଠାନର ଜଣେ ଶିକ୍ଷକ ନାବାଳିକା ଛାତ୍ରୀଙ୍କୁ ଅସଦାଚରଣ କରିଥିବା ନେଇ ଗଣିଆ ଥାନାରେ ଅଭିଯୋଗ ହୋଇଛି। ସମ୍ପୃକ୍ତା ନାବାଳିକାଙ୍କ ମା'ଗଣିଆ ଥାନାରେ ଏ ସଂକ୍ରାନ୍ତରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୬୫/୨୩) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଏହି ଘଟଣାରେ କରି ସମ୍ପୃକ୍ତ ଶିକ୍ଷକ ଶୁଭ୍ରଜିତ୍ ପଣ୍ଡା(୩୨)ଙ୍କୁ ପୋଲିସ ଗିରଫ କରି ପଚରାଉଚୁରା କରୁଛି ।

ଅଭିଯୋଗ ଅନୁଯାୟୀ, ଗଣିଆ ନିକଟସ୍ଥ ଏକ କୋଚିଂ ସେଣ୍ଟରକୁ ଜଣେ ୧୫ ବର୍ଷୀୟା ନାବାଳିକା ଛାତ୍ରୀ ପାଠ ପଢ଼ିବାକୁ ଆସୁଥିଲେ । ଶିକ୍ଷାନୁଷ୍ଠାନର ଶିକ୍ଷକ ଛାତ୍ରୀଜଣଙ୍କୁ ଏକ ମୋବାଇଲ ଫୋନ ଦେଇ ସବୁବେଳେ ଅଶ୍ଳୀଳ ଗପସପ କରିଆସୁଥିଲେ । ଦିନେ ସମ୍ପୃକ୍ତ ଶିକ୍ଷକ ପାଠ ପଢ଼ାଇବା ଆଳରେ ଛାତ୍ରୀଙ୍କ ଘରକୁ ଆସିଥିଲେ । ଏକୁଟିଆ ଛାତ୍ରୀଙ୍କୁ ପାଠ ପଢ଼ାଇବା ଆଳରେ ତାଙ୍କୁ ଅସଦାଚରଣ କରିଥିଲେ । ଏହି ଘଟଣା ନାବାଳିକାଙ୍କ ମା'ଦେଖିଲା ପରେ ବିରୋଧ କରିଥିଲେ । ଉକ୍ତ ଘଟଣା ପରେ ସମ୍ପୃକ୍ତ ଶିକ୍ଷକ ନାବାଳିକାଙ୍କ ମା'ଙ୍କୁ ବିଭିନ୍ନ ଧମକ ଦେବା ସହ ତୁମ ଝିଅକୁ ବିବାହ କରିବି ନଚେତ୍ ନଗ୍ନ ଫଟୋଗୁଡ଼ିକୁ ଭାଇରାଲ କରିଦେବି ବୋଲି କହିଥିଲେ । ଏ ସଂକ୍ରାନ୍ତରେ ଥାନାରେ ଅଭିଯୋଗ ପରେ ସମ୍ପୃକ୍ତ ଶିକ୍ଷକ ଜାତିଆଣ ଆକ୍ଷେପ କରିବା ସହ ଝିଅକୁ ଜବରଦସ୍ତ ବିବାହ କରିବାର ଧମକ ଦେଇଥିଲେ । ଥାନା ଭାରପ୍ରାପ୍ତ ଅଧିକାରୀ ବିନୟ ରଞ୍ଜନ ପରିଡ଼ା ଶନିବାର ଶୁଭ୍ରଜିତ୍‌ଙ୍କୁ ଗିରଫ କରିଛନ୍ତି। ତଦନ୍ତ ପରେ ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି ।

# ଅପମିଶ୍ରିତ, ନିମ୍ନମାନର ଖାଦ୍ୟ ବିକ୍ରି ବଢ଼ୁଛି

- ଅଭିଯୋଗ କଲେ ବି କାର୍ଯ୍ୟାନୁଷ୍ଠାନ ଶୂନ୍
- ଇଡ୍‌ଲି, ଘୁଗୁନିରୁ ବାହାରିଲା ପୋକ
- ପ୍ରତିବାଦ ପରେ ଶୁଣିଲେ ନାହିଁ ଜଳଖିଆ ଦୋକାନୀ

ନୟାଗଡ଼ ଅଫିସ,୩।୬


ଇଡ୍‌ଲି,ଘୁଗୁନିରୁ ବାହାରିଥିବା ପୋକ ।

ନୟାଗଡ଼ ଜିଲା ସଦର ମହକୁମା ନିକଟସ୍ଥ ଘଡୁଆଳର ଏକ ଜଳଖିଆ ଦୋକାନରେ ଇଡ୍‌ଲି ଓ ଘୁଗୁନିରୁ ପୋକ ବାହାରିଥିଲା। ନୟାଗଡ଼ର ଏକ ପରିବାର ଖାଉଥିବାବେଳେ ପୋକ ବାହାରିବାରୁ ଅଭିଯୋଗ କରିଥିଲେ । ତେବେ ସୁଫଳ ମିଳି ନ ଥିଲା । ବରଂ ଦୋକାନୀ ଗ୍ରାହକଙ୍କ ଅଭିଯୋଗକୁ ଅଣଦେଖା କରି ତାଙ୍କ ପ୍ରାପ୍ୟ ନେଲେ । ଖାଉଟି ତାଙ୍କ ଜଳଖିଆ ବାବଦ ଟଙ୍କା ଫୋନ ପେ'ରେ ପଇଠ କରି ଚାଲିଆସିଲେ । ଘଟଣା ସମ୍ପର୍କରେ ଫୋନ ଯୋଗେ ନୟାଗଡ଼ ଫୁଡ୍ ସେଫ୍ଟି ଅଫିସରଙ୍କୁ ଯୋଗାଯୋଗ କରାଯାଇଥିଲା । ହେଲେ ଫୁଡ୍ ସେଫ୍ଟି ଅଫିସରଙ୍କ ଫୋନ ସୁଇଚ୍ ଅଫ୍ ଥିଲା। ଏନେଇ ସମ୍ପୃକ୍ତ ଗ୍ରାହକ ଶୂନ୍ୟବିଜୟୀ ମିଶ୍ର କୁହନ୍ତି, ଘଡୁଆଳର ସାଉଥ୍ ଓଡ଼ିଶା ଟିଫିନ ସେଣ୍ଟରରେ ଶନିବାର ଇଡ୍‌ଲି ଘୁଗୁନି ଖାଉଥିଲେ। ଖାଦ୍ୟ ଖାଇବା ବେଳେ ଘୁଗୁନିରୁ ବାଇଗଣ ପୋକ ବାହାରିଥିଲା । ଦୋକାନୀଙ୍କୁ ପଚାରିବାରୁ ସେ କହିଥିଲେ ମୁଁ କ'ଣ କରିବି ପୋକଟି କାଢ଼ି ଖାଇ ଦିଅନ୍ତୁ । ନୟାଗଡ଼ ଜିଲା ସଦର ମହକୁମାରେ ଏପରି ଅନେକ ଦୋକାନ ଅଛି ଯେଉଁଠାରେ ପ୍ରତ୍ୟହ ଅପରିଷ୍କାର ପରିବେଶରେ ଖାଦ୍ୟ ପ୍ରସ୍ତୁତ ହେଉଛି । ହେଲେ ଫୁଡ୍ ସେଫ୍ଟି ଅଫିସର ଏହାର ତଦନ୍ତ କରୁ ନ ଥିବାରୁ ସୁଫଳ ମିଳୁନି ବୋଲି ଅଭିଯୋଗ ହୋଇଛି।

ଜିଲା ସଦର ମହକୁମାରେ ଥିବା ହୋଟେଲ, ଜଳଖିଆ ଦୋକାନରେ ଅପରିଷ୍କାର ଓ ବାସୀ ଖାଦ୍ୟ ବିକ୍ରି ହେଉଛି ବୋଲି ଅଭିଯୋଗ ହେଉଛି। ଫୁଡ୍ ସେଫ୍ଟି ଅଫିସର ଠିକ୍ ଭାବରେ ଚଢ଼ାଉ କରୁ ନ ଥିବା ଓ ସାମ୍ପୁଲ ସଂଗ୍ରହ ଠିକ୍‌ରେ କରାଯାଉ ନ ଥିବାରୁ ଗ୍ରାହକ ଭଲ ଖାଦ୍ୟ ନାଁରେ ରୋଗ କିଣୁଛନ୍ତି । ଜିଲା ସଦର ମହକୁମାରେ ଖାଦ୍ୟ ଦୋକାନୀଙ୍କ ମନମାନି ବଢ଼ି ଚାଲିଛି । ଏନେଇ ଫୁଡ୍ ସେଫ୍ଟି ଅଫିସର ନବ ସାହୁଙ୍କୁ ମୋବାଇଲ ନଂ.୮୨୪୯୦ ୬୭୮୩୫ ନମ୍ବରକୁ ଯୋଗାଯୋଗ କରାଯାଇଥିଲା । ହେଲେ ତାଙ୍କର ଫୋନ ସୁଇଚ୍‌ଅଫ୍ ଥିଲା । ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମକରନ୍ଦ ବେଉରା କୁହନ୍ତି, ଫୁଡ୍ ସେଫ୍ଟି ଅଫିସରଙ୍କ ଫୋନ ସୁଇଚ୍ ଅଫ୍ କାହିଁକି ଅଛି ଜଣାପଡିନାହିଁ । ତେବେ ସାମ୍ପୁଲ ସଂଗ୍ରହ ହେଉଛି । କିନ୍ତୁ ଷ୍ଟାଫ୍ କମ ଥିବାରୁ ଯାଞ୍ଚରେ ସମସ୍ୟା ସୃଷ୍ଟି ହେଉଛି । ତଥାପି ବ୍ଲକ ଓ ଜିଲା କାର୍ଯ୍ୟାଳୟ ସମେତ ସହରାଞ୍ଚଳକୁ ଗୁରୁତ୍ୱ ଦିଆଯାଉଛି । ଇଡ୍‌ଲି ଓ ଘୁଗୁନିରୁ ପୋକ ବାହାରିବା ଉପରେ ତଦନ୍ତ କରାଯିବ । ଘଟଣା ସମ୍ପର୍କରେ ଫୁଡ୍ ସେଫ୍ଟି ଅଫିସରଙ୍କ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ତେବେ ଅଭିଯୋଗକାରୀ ଅଭିଯୋଗ କରିବା ଦରକାର ବୋଲି କହିଛନ୍ତି। ରଣପୁରର ସୁଦାମ ନାୟକ, ନୟାଗଡ଼ର ମିନତୀ ବାରିକ, ଦଶପଲ୍ଲାର ଟିକି ପଲେଇ କୁହନ୍ତି ବଜାରରେ ଅପମିଶ୍ରଣ ଓ ନିମ୍ନମାନର ଖାଦ୍ୟ ପଦାର୍ଥ ବିକ୍ରି ହେଉଛି। କେଉଁଟା ଭଲ ଓ ମନ୍ଦ ଆଖିକୁ ଜଣାପଡୁନି। ଗ୍ରାହକ ତଟକା ଖାଦ୍ୟ ନାଁରେ ବାସୀ ଓ ଦୂଷିତ ଖାଦ୍ୟ ଖାଉଛନ୍ତି। ଅଭିଯୋଗ କଲେ ସୁଫଳ ମିଳୁନି । ଫୁଡ ସେଫ୍ଟିଅଫିସର ଏହାକୁ ଗୁରୁତର ସହ ନେଇ ଯାଞ୍ଚ କରିବା ଦରକାର। କର୍ମଚାରୀ ଅଭାବ ଦର୍ଶାଇ ସ୍ୱାସ୍ଥ୍ୟ ବିଭାଗ ଯେଉଁ ଭଳି ଢ଼ଙ୍ଗରେ ଯାଞ୍ଚ ଓ ଧରପଗଡ଼କୁ ଅଣଦେଖା କରୁଛି କେତେବେଳେ କ'ଣ ହେବ କହିହେବ ନାହିଁ।

# ରାବଣ ବଧ ପରେ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ



## ବାପୁଜୀନଗର ରାମଲୀଳା ଉଦ୍‌ଯାପିତ

ଖଣ୍ଡପଡ଼ା,୩।୬(ସ୍ୱ.ପ୍ର.)

କଣ୍ଟିଲୋ ବାପୁଜୀ ନଗର କଂସାରୀସାହି ପାଟଣା ଗ୍ରାମର ଶ୍ରୀ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ଚାଲିଥିବା ରାମଲୀଳା ଉତ୍ସବର ଶୁକ୍ରବାର ଥିଲା ଅନ୍ତିମ ଦିବସ । ସୀତା ଠାକୁରାଣୀଙ୍କୁ ଉଦ୍ଧାର କରିବା ଲକ୍ଷ୍ୟରେ ଶ୍ରୀରାମ, ଲକ୍ଷ୍ମଣ, ହନୁମାନ ବାନର ସେନା ସହ ଲଙ୍କାକୁ ଯୁଦ୍ଧଯାତ୍ରା କରିଥିଲେ । ରାବଣଙ୍କ ବଂଶଧରଙ୍କ ମୃତ୍ୟୁ ସହଜ ନୁହେଁ ବୋଲି ରାମ ଲକ୍ଷ୍ମଣ ଜାଣିପାରିଥିଲେ । ତେଣୁ ରାବଣଙ୍କ ଭାଇ ବିଭୀଷଣଙ୍କ ନିକଟରୁ ମୃତ୍ୟୁର ଉପାୟ ସମ୍ପର୍କରେ ତଥ୍ୟ ସଂଗ୍ରହ କରି ରାବଣ ବଂଶର ବହୁ ଅସୁରଙ୍କୁ ନିପାତ କରିଥିଲେ ।

ରାମଲୀଳା ନାଟକର ଉଦ୍‌ଯାପନୀ ରାତିରେ ଲକ୍ଷ୍ମଣଙ୍କ ଦ୍ୱାରା ବଧ ହୋଇଥିବା କୁମ୍ଭକର୍ଣ୍ଣ ଓ ଇନ୍ଦ୍ରଜିତର ମୃତ୍ୟୁ ସମ୍ପର୍କରେ ରାବଣଙ୍କଠାରୁ ଜାଣିବା ପରେ ଇନ୍ଦ୍ରଜିତଙ୍କ ପୁଅ ମହିରାବଣ ରାମ ଓ ଲକ୍ଷ୍ମଣଙ୍କୁ କଳେବଳେ କୌଶଳେ ବଧ କରିବାକୁ ସଂକଳ୍ପ କରିଥିଲେ । ମହିରାବଣ ମାୟା ବଳରେ ନିଜକୁ ଅଦୃଶ୍ୟ କରାଇ ସୁବଳୟା ପର୍ବତରେ ଅବସ୍ଥାନ କରିଥିବା ହନୁମାନଙ୍କ ଅଷ୍ଟସେନାରେ ସାମିଲ ହୋଇଥିଲେ । ଏହା ପରେ ଅଷ୍ଟସେନା ସମେତ ରାମ ଲକ୍ଷ୍ମଣଙ୍କୁ ନିଦ୍ରାରେ ମୋହିତ କରାଇ ଦୁଇଭାଇଙ୍କୁ ସେଠାରୁ ଚୋରାଇ ଆଣି ପାତାଳପୁରୀର ଏକ ପଥର ଗୁମ୍ଫାରେ ନରବଳି ଦେବା ପାଇଁ ରଖିଥିଲେ । ତେବେ ସୀତାଙ୍କ ଅଶ୍ରୁରୁ ତାରା, ତାରିଣୀ ୨ଜଣ ଦେବୀ ସୃଷ୍ଟି ହୋଇ ରାମ,ଲକ୍ଷ୍ମଣଙ୍କୁ ସୁରକ୍ଷା ଦେଇଥିଲେ ।

ଦେବୀଙ୍କ ପାଖରେ ରାମ, ଲକ୍ଷ୍ମଣଙ୍କୁ ନରବଳି ଦେବାକୁ ଉଦ୍ୟତ ହେଉଥିବାବେଳେ ମାୟାବୀ ମହିରାବଣଙ୍କୁ ଦୁଇଭାଇ ବଧ କରିଥିଲେ । ପରେ ରାବଣକୁ ବଧ କରି ଅଶୋକ ବାଟିକାରୁ ସୀତାଙ୍କୁ ଉଦ୍ଧାର କରିଥିଲେ । ବିଭୀଷଣଙ୍କୁ ଲଙ୍କାରେ ରାଜା କରାଇ ସ୍ତ୍ରୀ ଓ ଭାଇଙ୍କ ସହ ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଆସିଥିଲେ । ସେଠାରେ ରାମଙ୍କ ରାଜ୍ୟାଭିଷେକ ଅନୁଷ୍ଠିତ ହୋଇଥିଲା । ଏହି ରାମଲୀଳା ନାଟକ ଉପଭୋଗ କରିବାକୁ ବହୁ ଦର୍ଶକ ଓ ଶ୍ରଦ୍ଧାଳୁ ସମାଗମ ହୋଇଥିଲେ । ଉଦ୍‌ଯାପନୀ ରାତ୍ରର ମଞ୍ଚସ୍ଥ ନାଟକରେ କଳାକାର ଅସିତ ମହାରଣା, ଅମିତ ସାହୁ ଓ ଚିଣ୍ଟୁ ସାହୁ ଯଥାକ୍ରମେ ରାମ, ଲକ୍ଷ୍ମଣ ଓ ସୀତା ଭୂମିକାରେ ଅଭିନୟ କରିଥିବା ବେଳେ ହନୁମାନ, ବିଭୀଷଣ, ରାବଣ, ମନ୍ଦୋଦରୀ, କୁମ୍ଭକର୍ଣ୍ଣ, ଇନ୍ଦ୍ରଜିତ ଓ ସୁଲୋଚନା ଭୂମିକାରେ ଯଥାକ୍ରମେ ଶ୍ରୀକାନ୍ତ, ଚୁଲିଆ, ଅଭିମନ୍ୟୁ, ଶରତ ସାହୁ, ସୁରେଶ ଗୁରୁ, ତାପସ କୁମାର ସାହୁ ଓ ବୁଢ଼ା ଅଭିନୟ କରିଥିଲେ । ହୃଷୀକେଶ ମିଶ୍ର, ନିରଞ୍ଜନ ମିଶ୍ର, ଭିକାରୀ ସାହୁ ଓ ରମାକାନ୍ତ ସାହୁ ମଞ୍ଚ ଓ ନାଟ୍ୟ ପରିଚାଳନା କରିଥିଲେ ।

# କୁମ୍ଭାରପଡ଼ାରେ ବ୍ୟାଙ୍କ ଶାଖା ଖୋଲିବାକୁ ଦାବି

ଖଣ୍ଡପଡ଼ା,୩।୬ (ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ୍ ଅଧୀନ କୁମ୍ଭାରପଡା ପଞ୍ଚାୟତରେ କୌଣସି ଜାତୀୟକରଣ ବ୍ୟାଙ୍କ ଶାଖା ନାହିଁ । ଫଳରେ ପଞ୍ଚାୟତବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କୁ ୪ କି.ମି. ଦୂର କୋସକାସ୍ଥିତ ଓଡ଼ିଶା ଗ୍ରାମ୍ୟବ୍ୟାଙ୍କ ଶାଖା ଉପରେ ନିର୍ଭର କରିବାକୁ ପଡୁଛି । ପଞ୍ଚାୟତବାସୀଙ୍କ ବାରମ୍ବାର ଦାବି ପରେ ବି ଏଦିଗରେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କୁମ୍ଭାରପଡ଼ା ପଞ୍ଚାୟତବାସୀ ଓ ସ୍ଥାନୀୟ ସରପଞ୍ଚ ଚିନ୍ମୟ କୁମାର ପଣ୍ଡା ଏ ସମ୍ପର୍କରେ ନୟାଗଡ଼ ଜିଲାପାଳ, ବିଡିଓ ଓ ବିଭିନ୍ନ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇଛନ୍ତି । ପଞ୍ଚାୟତବାସୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି କୁମ୍ଭାରପଡ଼ାଠାରେ ଜାତୀୟକରଣ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ଖୋଲିବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। କୁମ୍ଭାରପଡ଼ା ପଞ୍ଚାୟତ କର୍ତ୍ତୃପକ୍ଷ ନୂତନ ବ୍ୟାଙ୍କ ଶାଖା କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଗୃହ ଯୋଗାଇ ଦେବା ପ୍ରସ୍ତୁତ ଥିବା ସୂଚନା ମିଳିଛି। ବିଭିନ୍ନ ବ୍ୟାଙ୍କ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ କୁମ୍ଭାରପଡା ପଞ୍ଚାୟତବାସୀ କରିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଆନନ୍ଦ


@ ଜିତେନ୍ଦ୍ର


@ ମନୋରଞ୍ଜନ


@ ସୋନୁ


@ ଶୁଭକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୃଢ଼ ଇଚ୍ଛାଶକ୍ତି ପାଖରେ ପ୍ରତିବନ୍ଧକ ହାର ମାନିଛି


ଜଣେ ଟପ୍ପର ଛାତ୍ରୀଙ୍କୁ ପୂର୍ବତନ ବିଧାୟକ ସମ୍ବର୍ଦ୍ଧିତ କରୁଛନ୍ତି ।

## ଟପ୍ପରଙ୍କୁ ଭେଟି ଶୁଭେଚ୍ଛା ଜଣାଇଲେ ପୂର୍ବତନ ବିଧାୟକ

ଖଣ୍ଡପଡ଼ା,୩।୬(ସ୍ୱ.ପ୍ର.)

ଦୃଢ ଇଚ୍ଛାଶକ୍ତି ଆଗରେ ସମସ୍ତ ପ୍ରତିବନ୍ଧକ ହାର ମାନିଛି, ଯାହା +୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ ପରେ ସ୍ପଷ୍ଟ ହୋଇଛି ବୋଲି ପୂର୍ବତନ ବିଧାୟକ ଅନୁଭବ ପଟ୍ଟନାୟକ କହିଛନ୍ତି । ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ବିଭିନ୍ନ କଲେଜର ଟପ୍ପର ହୋଇଥିବା ଛାତ୍ରୀମାନଙ୍କୁ ଭେଟି ଶୁଭେଚ୍ଛା ଜଣାଇବା ପରେ ସେ ଏପରି କହିଛନ୍ତି । ଶନିବାର ପୂର୍ବାହ୍ନରେ ସେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଥିବା ୩ ମହାବିଦ୍ୟାଳୟର +୨ ବିଜ୍ଞାନ ଓ ବାଣିଜ୍ୟ ବିଭାଗ ଟପ୍ପରମାନଙ୍କ ପାଖରେ ପହଞ୍ଚି ବିଭିନ୍ନ ପରାମର୍ଶ ଦେଇଥିଲେ । ପଠାଣି ସାମନ୍ତ କଲେଜ ଟପ୍ପର ସସ୍ମିତା ବେହେରା, ନୀଳମାଧବ ମହାବିଦ୍ୟାଳୟର ଟପ୍ପର ଜ୍ୟୋତିର୍ମୟୀ ସାହୁ, ପଦ୍ମାବତୀ ପ୍ରହ୍ଲାଦ ମହାବିଦ୍ୟାଳୟର ଟପ୍ପର ଶୁଭଶ୍ରୀ ସ୍ୱାଇଁ ଓ ବାଣିଜ୍ୟ ବିଭାଗର ଛାତ୍ରୀ ପୁଷ୍ପଲତା ବଳିୟାରସିଂଙ୍କୁ ସେମାନଙ୍କ ବାସ ଭବନରେ ସାକ୍ଷାତ କରି ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ମାନୀତ କରାଯାଇଛି । ସେହିପରି ଭାପୁର ବ୍ଲକ ଅଧୀନ କରବର ଗ୍ରାମର ଛାତ୍ରୀ ସସ୍ମିତା ରାଉତ ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ନୟାଗଡ଼ ଜିଲାସ୍ତରରେ ଯୁକ୍ତ ୨ ବିଜ୍ଞାନ ପରୀକ୍ଷାରେ ୫୫୧ ନମ୍ବର ରଖି ୩ୟ ସ୍ଥାନ ଅଧିକାର କରିଥିବାରୁ ଏବଂ ଓଇଏସ୍ ପରୀକ୍ଷାରେ ୧୯ ର୍‍ୟାଙ୍କରେ ଥିବା ଖଣ୍ଡପଡା ବ୍ଲକ ଅଧିନ ଶିଖରପୁର ପଞ୍ଚାୟତ ବରପଲ୍ଲୀ ଗ୍ରାମର ଅମ୍ରିତା ସାହୁଙ୍କ ସଫଳତା ପାଇଁ ପଟ୍ଟନାୟକ ସେମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ ।

# ଜଳ ଯୋଗାଣ ବନ୍ଦ, ଚୁଆପାଣି ଭରସା

ଖଣ୍ଡପଡ଼ା,୩।୬ (ସ୍ୱ.ପ୍ର.)


ମହିଳାମାନେ ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି ।

ଗତ କିଛିଦିନ ତଳେ ହୋଇଥିବା କାଳ ବୈଶାଖୀ ପ୍ରବାହରେ ଲକ୍ଷ୍ମୀପ୍ରସାଦ ଓ ଭୋଗଡ଼ା ଗ୍ରାମକୁ ଜଳ ଯୋଗାଣ କରୁଥିବା ପାନୀୟ ଜଳ ପ୍ରକଳ୍ପର ୨୫ କେଭି ଟ୍ରାନ୍ସଫର୍ମରଟି ପୋଡ଼ି ଯାଇଥିଲା। ଫଳରେ ଗତ ୧୦ ଦିନ ହେବ ସଂପୃକ୍ତ ଗ୍ରାମକୁ ଜଳ ଯୋଗାଣ ବନ୍ଦ ରହିଛି । ଲୋକ ପାଣି ବାଲ୍‌ଟିଏ ପାଇଁ ଦହଗଞ୍ଜ ହେଉଛନ୍ତି । ପରିସ୍ଥିତି ଏପରି ହୋଇଛି ଯେ, ଲକ୍ଷ୍ମୀପ୍ରସାଦ ଗ୍ରାମବାସୀ ପାଣି ପାଇଁ ପ୍ରାୟ ୧ କି.ମି. ଦୂର କମେଇ ନଦୀକୁ ଯାଇ ଚୁଆ ଖୋଳି ପାଣି ସଂଗ୍ରହ କରି ଘରକୁ ଆଣୁଛନ୍ତି। ସେହିପରି ୭ଶହରୁ ଉର୍ଦ୍ଧ୍ୱ ଲୋକେ ରହୁଥିବା ଭୋଗଡା ଅଞ୍ଚଳବାସୀ ଗ୍ରୀଷ୍ମ ପ୍ରବାହ ସମୟରେ ପାଣି ମୁନ୍ଦେ ପାଇଁ ବାଡିରେ ଥିବା କୂଅ ଉପରେ ନିର୍ଭର କରୁଛନ୍ତି ।

ସୂଚନାଯୋଗ୍ୟ, ଧାନଚେଙ୍ଗଡା ପଞ୍ଚାୟତର ୧, ୨ ଓ ୩ ନଂ.ୱାର୍ଡର ୧ ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣଙ୍କୁ ନେଇ ଲକ୍ଷ୍ମୀପ୍ରସାଦ ଗ୍ରାମ ଗଠିତ । ଏହି ଗ୍ରାମରେ ୬ଟି ନଳକୂପ ରହିଥିଲେ ମଧ୍ୟ ତାହା ପାନୀୟ ଉପଯୋଗୀ ନୁହେଁ। ୨ଟି କୂଅ ରହିଥିଲେ ମଧ୍ୟ ସେଗୁଡିକ ଅଳିଆ ଆବର୍ଜନାରେ ପରିପୂର୍ଣ୍ଣ ବୋଲି ଗ୍ରାମବାସୀ କହିଛନ୍ତି । ନୂଆଗାଁ(ଲକ୍ଷ୍ମୀପ୍ରସାଦ) ଓ ନିକଟସ୍ଥ ଭୋଗଡା ଗ୍ରାମବାସୀଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟ ନେଇ ଗତ ୪ ବର୍ଷ ପୂର୍ବେ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ କମେଇ ନଦୀକୂଳରେ ଏକ ଇନ୍‌ଟେକ ୱେଲ ଖନନ କରାଯାଇ ଲୋକମାନଙ୍କ ପାନୀୟ ଜଳ ଆବଶ୍ୟକତାକୁ ମେଣ୍ଟାଉଥିଲା । ମାତ୍ର ଗତ ୧୦ ଦିନ ତଳେ କାଳ ବୈଶାଖୀ ପ୍ରଭାବରେ ବିଜୁଳି ଘଡଘଡି ମାରିବା ଫଳରେ ପ୍ରକଳ୍ପର ୨୫ କେଭି ବିଦ୍ୟୁତ୍ ଟ୍ରାନ୍ସଫର୍ମରଟି ପୋଡ଼ି ଯାଇଥିଲା । ଫଳରେ ଗ୍ରୀଷ୍ମ ପ୍ରବାହ ସମୟରେ ଲକ୍ଷ୍ମୀପ୍ରସାଦ ଗ୍ରାମର ମହିଳାମାନେ ଗରାବାଲଟି ଧରି କମେଇ ନଦୀରେ ଚୁଆ ଖୋଳି ଦୂଷିତ ପାଣିକୁ ବ୍ୟବହାର ପାଇଁ ପାଣି ସଂଗ୍ରହ କରୁଥିବା ପରିଲକ୍ଷିତ ହୋଇଛି। ଅପରପକ୍ଷେ ଭୋଗଡା ଗ୍ରାମବାସୀ ଦୀର୍ଘ ମାସରୁ

## କାଳ ବୈଶାଖୀରେ ଟ୍ରାନ୍ସଫର୍ମର ପୋଡ଼ିଗଲା

ନିୟମିତ ଭାବେ ପାଣି ପାଉ ନ ଥିବା ବେଳେ ଏହି ଗ୍ରୀଷ୍ମ ପ୍ରବାହ ସମୟରେ ନିଜ ନିଜ ବାଡି ପାଖରେ ଥିବା କୂଅମାନଙ୍କରୁ ପାଣି ସଂଗ୍ରହ କରୁଛନ୍ତି । ସ୍ନାନ ଶୌଚାଦି ପାଇଁ ପ୍ରାୟ ଦେଢ କିଲୋମିଟର ଦୂର ଏକ ପୋଖରୀ ଉପରେ ନିର୍ଭର କରୁଛନ୍ତି। ଏହାଛଡା ଗୃହପାଳିତ ପଶୁମାନଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଗ୍ରାମରେ ଥିବା ନଳକୂପର ପାଣି ଫ୍ଲୋରାଇଡ ଯୁକ୍ତ ହୋଇଥିବାରୁ ତାହା ପାନୀୟ ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି । ତେବେ ଏ ସମ୍ପର୍କରେ ଭାପୁର ଗ୍ରାମ୍ୟଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିଲା । ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି । କଣ୍ଟିଲୋ ବିଦ୍ୟୁତ୍ ସେକ୍ସନ କନିଷ୍ଠ ଯନ୍ତ୍ରୀ ରମେଶ କୁମାର ସାହୁଙ୍କ ସହ ଯୋଗାଯୋଗ କରିବାରେ ଖୁବ୍‌ଶୀଘ୍ର ନୂତନ ଟ୍ରାନ୍ସଫର୍ମର ବସାଇବାକୁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

